# ଲୁକ୍କାୟିତ ପ୍ରତିଭା ପିଲାଙ୍କୁ ଅଧିକ ଆଗକୁ ନେଇପାରିବ: ସାଂସଦ

**ତାଳଚେର, ୩।୧(ସମିସ)**




ତାଳଚେରର ଏକମାତ୍ର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆଜି ବାର୍ଷିକ ଓ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାସିନୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ସାଂସଦ ମହେଶ ସାହୁ ଯୋଗଦେଇ ଏହି ବିଦ୍ୟାଳୟକୁ ପୂର୍ବରୁ ପୋଷ୍ୟ ବିଦ୍ୟାଳୟ ଭାବେ ଗ୍ରହଣ କରିବା ସମ୍ପର୍କରେ ସୂଚନା ଦେଇଥିଲେ। ବିଶେଷ କରି ସଂସଦୀୟ କ୍ଷେତ୍ରର ସମସ୍ତ ନିର୍ବାଚନ ମଣ୍ଡଳୀର ବାଳିକା ଉଚ୍ଚ ବିଦ୍ୟାଳୟ ଗୁଡିକୁ ପୋଷ୍ୟ ସ୍କୁଲ ଭାବେ ଗ୍ରହଣ କରାଯାଇଛି ବୋଲି କହିବା ସହ ତନ୍ମଧ୍ୟରୁ ତାଳଚେର ବାଳିକା ଉଚ୍ଚ ବିଦ୍ୟାଳୟ ଅନ୍ୟତମ। ତେଣୁ ଏହି ବିଦ୍ୟାଳୟର ଅଭାବ ଅସୁବିଧା ପାଇଁ ମୋର ସମସ୍ତ ସହଯୋଗ ରହିବ ବୋଲି କହିବା ସହିତ ସ୍କୁଲରେ ଅଧ୍ୟୟନରତ ପିଲାଙ୍କୁ ପାଠ ପଢ଼ା ସହିତ ଖେଳ ନାଚ ଗୀତ, ଇତ୍ୟାଦି ସହିତ ଅନ୍ୟାନ୍ୟ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାକୁ ହେବ। ତେଣୁ ବାର୍ଷିକ ଉତ୍ସବ ପାଳନ ନାଁରେ ଏହି ପ୍ରତିଭା ଆଗକୁ ଅଣାଯାଇପାରିବ। ଅନ୍ୟତମ ଅତିଥି ଭାବେ ତାଳଚେର ପୌର ପରିଷଦର ନଗରପାଳ ପବିତ୍ର ଭୁତିଆ ଯୋଗଦେଇ ତାଳଚେର ସରକାରୀ ବିଦ୍ୟାଳୟରେ ଦୀର୍ଘବର୍ଷ ଧରି ବାର୍ଷିକ ଉତ୍ସବ ପାଳନ କରାଯାଉ ଥିବାରୁ ସେ ସ୍କୁଲର ହେଡ ମିଷ୍ଟ୍ରେସ, ସମସ୍ତ ଶିକ୍ଷୟିତ୍ରୀ ଓ ଛାତ୍ରୀଙ୍କୁ ସାଧୁବାଦ ଜଣାଇଥିଲେ। ମୁଖ୍ୟବକ୍ତା ଭାବେ ବ୍ଲକ ଶିକ୍ଷାଧିକାରୀ ଖଗେଶ୍ୱର ବେହେରା ଯୋଗଦେଇ ସରକାରୀ ସ୍କୁଲ ଗୁଡିକର ଶିକ୍ଷାର ବିକାଶ ଘଟିଛି, ଯାହାଦ୍ୱାରା ଏବେ ପାଠପଢିବା ପାଇଁ ପିଲାମାନେ ଆଗ୍ରହ ପ୍ରକାଶ କରୁଛନ୍ତି। ଏଥିସହିତ ସରକାରଙ୍କ ନୂତନ ଶିକ୍ଷା ନୀତି ଯୋଗୁଁ ପାଠପଢା ସହିତ ଖେଳ, ନାଚ ଗୀତ, ଓ ବହୁବିଧ ପ୍ରତିଭାକୁ ଉଦଜିବିତ କରିବା ଲକ୍ଷ୍ୟରେ ଶିକ୍ଷା ବ୍ୟବସ୍ଥା କରାଯାଇଛି ଯାହା ଅତ୍ୟନ୍ତ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ପ୍ରକାଶ କରିବା ସହିତ ଏହି ନୀତି ଯୋଗୁଁ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ଉନ୍ନତି ଆଣିବାରେ ସହାୟକ ହୋଇପାରିଛି। ପୁଷ୍ପିତା ସାମଲ ଅତିଥି ପରିଚୟ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନଙ୍କ ଦ୍ୱାରା କ୍ରୀଡ଼ା ଓ ବିଭିନ୍ନ କ୍ଷେତ୍ରରେ କୃତକାର୍ଯ୍ୟ ହୋଇଥିବା କୃତୀ ଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରଯାଇଥିଲା। ଶେଷରେ ସ୍କୁଲ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବ୍ରାଉନ ସୁଗର ଜବତ; ୨ ଗିରଫ

**ଅନୁଗୋଳ,୩।୧(ସମିସ):** ମଙ୍ଗଳବାର ବିଳମ୍ବିତ ରାତିରେ ଅନୁଗୋଳ ପୁଲିସ ସ୍ଥାନୀୟ ହେମସୁରପଡ଼ା ଫାଇଟ୍ କ୍ଲବ୍ ଠାରେ ଚଢ଼ଉ କରି ୨ ଜଣ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୬ ଗ୍ରାମ ବ୍ରାଉନସୁଗର ଜବତ କରିଥିବା ଜଣାଯାଇଛି।



ଘଟଣାରୁ ପ୍ରକାଶ ଯେ, ମଙ୍ଗଳବାର ବିଳମ୍ବିତ ରାତିରେ ଅନୁଗୋଳ ଥାନା ଅନ୍ତର୍ଗତ ହେମସୁରପଡ଼ା ଫାଇଟ କ୍ଲବ ଠାରେ ୨ ଜଣ ବ୍ରାଉନ ସୁଗର ବେପାରୀ ଚୋରାରେ ବେଆଇନ ଭାବେ ବ୍ରାଉନସୁଗର ବିକ୍ରି କରିବା ପାଇଁ ଗ୍ରାହକଙ୍କୁ ଅପେକ୍ଷା କରିଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଅନୁଗୋଳ ଥାନା ଅଧିକାରୀ ଧୀରେଶ କୁମାର ଦାସ ଖବର ପାଇଥିଲେ। ଖବର ପାଇ ଥାନା ଅଧିକାରୀ ଶ୍ରୀ ଦାସଙ୍କ ନେତୃତ୍ୱରେ ଅନ୍ୟ ପୁଲିସ ଅଧିକାରୀମାନେ ସେଠାରେ ଅତର୍କିତ ଭାବେ ଚଢ଼ଉ କରି ସେଠାରୁ ୨ ଜଣ ବ୍ରାଉନ ସୁଗର ବେପାରୀ ମୁସଲିମପଡ଼ାର ଏସ୍ କେ ଇନୁଷ ଏବଂ ଏସ୍ କେ ଇସଲାମଙ୍କୁ ଗିରଫ କରି ସେମାନଙ୍କଠାରୁ ୬ ଗ୍ରାମ ବ୍ରାଉନସୁଗର (ଆନୁମାନିକ ମୂଲ୍ୟ ଏକ ଲକ୍ଷ ଟଙ୍କା) ଜବତ କରିଥିବା ଜଣାଯାଇଛି। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୁଲିସ ସୂତ୍ରରୁ ପ୍ରକାଶ।

## '୫-ଟି' ଅଧ୍ୟକ୍ଷଙ୍କୁ ଭେଟିଲେ ବିଧାୟକ



**କିଶୋରନଗର, ୩।୧(ସମିସ):** ଗତକାଲି ନବୀନ ନିବାସରେ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସୌଜନ୍ୟମୂଳକ ଭାବେ ସାକ୍ଷାତ କରି ଇଂରାଜୀ ନବବର୍ଷର ଅଭିନନ୍ଦନ ଜଣାଇବା ସହ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା କରିଛନ୍ତି ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ। ଏହି ସାକ୍ଷାତ ସମୟରେ ବିଧାୟକଙ୍କ ପ୍ରତିନିଧି କାଳନ୍ଦୀଚରଣ ପ୍ରଧାନ ଓ ଠାକୁରଗଡ଼ର ଜିଲ୍ଲା ପରିଷଦ ସଭ୍ୟ ଯୁଧିଷ୍ଠିର ସିଂହ ଉପସ୍ଥିତ ଥିଲେ।

## ୫ରୁ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ

**ଅନୁଗୋଳ, ୩।୧(ସମିସ):** ଅନୁଗୋଳ ବାସନ୍ତୀ ଭଲିବଲ ଟ୍ରଷ୍ଟ ପକ୍ଷରୁ ଅମଲାପଡ଼ା ବାସନ୍ତୀ ଦୁର୍ଗା ପଡିଆଠାରେ ଏକ ତିନି ଦିବସୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଇଛି। ଆସନ୍ତା ୫ ତାରିଖରୁ ଏହା ଆରମ୍ଭ ହୋଇ ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଦୁଇଟି ପର୍ଯ୍ୟାୟରେ ଏହା ଆୟୋଜନ କରାଯାଉଥିବା ବେଳେ ପ୍ରଥମ ଦିନ ଅନୁଗୁଳ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଟିମ ଭାଗ ନେବାର କାର୍ଯ୍ୟକ୍ରମ ଅଛି। ପୋଡାପଡ଼ା, ଛେଣ୍ଡିପଦା, କସିଡ଼ିହ, ସନ୍ତରାବନ୍ଧ, ଗୋବରା, ଟାକୁଆ, ଟେଣ୍ଡୁଲୋଇ ଓ ଟାଟା ଷ୍ଟିଲ ଟିମ ପ୍ରଥମ ଦିନ ଭାଗ ନେବେ।



ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ବାଲେଶ୍ୱର, ଭଦ୍ରକ, ଭୁବନେଶ୍ୱର, ରାଉରକେଲା ଓ ପାରଦୀପ ଭଳି ରାଜ୍ୟର ବଛା ବଛା ଟିମ ଭାଗ ନେବା ସହ ପ୍ରଥମ ଦିନର ଚାମ୍ପିୟାଅନ ଓ ରନର୍ସ ଅପ ଟିମ ଦ୍ୱୟ ଓ ବାସନ୍ତୀ ଭଲିବଲ ଟ୍ରଷ୍ଟ ଭାଗ ନେବ। ୬ ତାରିଖ ଦିନ ଏହି ସମସ୍ତ ଟିମକୁ ନେଇ ଲିଗ ପର୍ଯ୍ୟାୟରେ ଖେଳ ହେବ। ଅନ୍ତିମ ଦିନରେ ଏହି ଦ୍ୱିତୀୟ ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ଓ ଫାଇନାଲ ମ୍ୟାଚ ସହ ଉଦଯାପନୀ ସମାରୋହ ଅନୁଷ୍ଠିତ ହେବ। ଏହି ମ୍ୟାଚ ସମୟରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଛି ବୋଲି ବାସନ୍ତୀ ଭଲିବଲ ଟ୍ରଷ୍ଟର ସଭାପତି ପ୍ରତାପ ମାଝୀ, ସମ୍ପାଦକ ରଶ୍ମିରଂଜନ ପ୍ରଧାନ, କୋଷାଧ୍ୟକ୍ଷ ସମରେଶ ନାଥ ସୂଚନା ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଭଲିବଲ କୋଚ ଦିବ୍ୟରଞ୍ଜନ ବେହେରା, ଆଇନ ପରାମର୍ଶଦାତା ଆଇନଜୀବୀ ପ୍ରଦୀପ ଦେବତା ପ୍ରମୁଖ ଉପସ୍ଥିତ ଥିଲେ।

## ସଡ଼କ ସୁରକ୍ଷା ସଚେତନତା ଉପଲକ୍ଷେ ରାଲି

**ଅନୁଗୋଳ, ୩।୧(ସମିସ):** ଜାନୁଆରୀ ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ସଚେତନତା ସପ୍ତାହପାଳନ ହେଉଛି। ଏହି ଉପଲକ୍ଷେ ଆଜି ପୂର୍ବାହ୍ନ ୧୧ଘଟିକା ସମୟରେ ଛାତ୍ର ଛାତ୍ରୀମାନଙ୍କୁ ନେଇ ଏକ ରାଲିକୁ ଅନୁଗୋଳ ଉପ ଜିଲ୍ଲାପାଳ ବରଣ୍ୟନ୍ଦୁ ମହାନ୍ତି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।




ଏହି ରାଲି ଶୈଳ ଶ୍ରୀକ୍ଷେତ୍ରଠାରୁ ବାହାରିସହର, ଜିଲ୍ଲାପାଳଙ୍କ ବାସଭବନ, ସର୍କିଟ ହାଉସ ଛକ, ଥାନା ଛକ, ରାଜା ଛକଦେଇ ଅନୁଗୋଳ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତସହର ପରିକ୍ରମା କରିଥିଲା। ଏହି ରାଲିରେ ଅନୁଗୋଳ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ବିଭିନ୍ନ ବିଦ୍ୟାଳୟରଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରି ସଡକ ସୁରକ୍ଷା ସଚେତନତା ଫ୍ଲ-କାର୍ଡ ପ୍ରଦର୍ଶନ ସହ ସ୍ଲୋଗାନ ଦେଇ ଜନସାଧାରଣଙ୍କୁସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ ଅଧିକାରୀ ନିଖୁଳ କୁମାର ପଟ୍ଟନାୟକ ଓ ତାଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଯୋଗ ଦେଇଥିଲେ।

## କଳିଙ୍ଗ ନଗର ମୃତ ଆଦିବାସୀଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

**ତାଳଚେର, ୩।୧(ସମିସ):** ଐତିହାସିକ କଳିଙ୍ଗ ନଗର ଶହିଦ୍ ଦିବସ ଅବସରରେ ନିଜର ଭିଟାମାଟି ପାଇଁ ପୁଲିସ୍ ଗୁଳିରେ ଶହିଦ୍ ହୋଇଥିବା କଳିଙ୍ଗ ନଗରର ୧୪ ଜଣ ଆଦିବାସୀଙ୍କ ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ କ୍ୟାଣ୍ଡେଲ୍ ଶୋଭଯାତ୍ରା ଓ ଶ୍ରଦ୍ଧାଞ୍ଜଳି ସଭା ତାଳଚେର ଫାଷ୍ଟଗେଟ୍ ସ୍ଥିତ ରାମଚନ୍ଦ୍ର ବଜାର ଠାରେ ଅନୁଷ୍ଠିତ ହୋଇଥିଲା।



କଂଗ୍ରେସ୍ ରାଜ୍ୟ ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଏହି ଶ୍ରଦ୍ଧାଞ୍ଜଳି ସଭା ସହ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଗତ ୨୦୦୬ ମସିହାର ଆଜିର ଦିନରେ (ଜାନୁଆରୀ ୨ ତାରିଖ) ଟାଟା କଂପାନୀର ଇସ୍ପାତ ପ୍ରକଳ୍ପ ପାଇଁ ନିଜର ଜମି, ଜୀବିକା ଦେବାକୁ ବିରୋଧ କରି ସେଠାକାର ଚମ୍ପା କୋଇଲା ଗାଁ ରେ ସମବେତ ହୋଇଥିବା ଆଦିବାସୀଙ୍କ ଉପରେ ସରକାରଙ୍କ ପୋଲିସ୍ ବାହିନୀ ଅମାନୁଷିକ ଭାବେ ଗୁଳି ଚାଳନା କରି ଆଦିବାସୀ ମାନଙ୍କୁ ହତ୍ୟା କରିଥିଲେ। ଆଜି ଯଦିଓ ଆଦିବାସୀଙ୍କ ଉପରେ ଭୟଙ୍କର ଦମନଲୀଳା ଚଳାଇ ସରକାର ସେଠାରେ ଟାଟା ର ଇସ୍ପାତ କାରଖାନା ପ୍ରତିଷ୍ଠା କରିବାରେ ସଫଳ ହୋଇଛନ୍ତି। କିନ୍ତୁ ଏହି ଐତିହାସିକ ଆନ୍ଦୋଳନ ଭାରତର ବିସ୍ଥାପନ ବିରୋଧୀ ଆନ୍ଦୋଳନର ଇତିହାସରେ ଏକ ମାଇଲଖୁଂଟ ଭାବେ ରହି ଆସିଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ କଂଗ୍ରେସର ନାରୀନେତ୍ରୀ ସସ୍ମିତା ବେହେରା, ପ୍ରଦୀପ ମହାରଣା, କେଶବ ଭୂତିଆ, ଦେବୀ ପ୍ରସାଦ ପୃଷ୍ଟି, ସୌଭ୍ୟ ସଂଜୀବ ମିଶ୍ର, ରଂଜିତ୍ କୁମାର ମହାପାତ୍ର, ସଂଗ୍ରାମ କେଶରୀ କୁଅଁର, ଜମ୍ବେଶ୍ୱର ପଟ୍ଟନାୟକ, ଗାଣ୍ଡୁ ପରିଡା, ଗଣପତି ସାହୁ, ସନ୍ତୋଷ ମହାରଣାଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

# ୫ରୁ ଝୁମିବ ପାଲଲହଡ଼ା

**ପାଲଲହଡ଼ା,୩।୧(ସମିସ):** ଅନୁଗୁଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡରେ ହେବାକୁ ଥିବା ମାଲ୍ୟଗିରି ମହୋତ୍ସବ ଆଉ ଦୁଇଦିନ ଥିବା ବେଳେ ବୁଧବାର ସ୍ଥାନୀୟ ଉପଜିଲ୍ଲାପାଳଙ୍କ ସଭାଗୃହ ଠାରେ ମହୋତ୍ସବ ଆୟୋଜନ କମିଟି ପକ୍ଷରୁ ଏକ ସାମ୍ବାଦିକ




ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମାଲ୍ୟଗିରି ମହୋତ୍ସବ କମିଟିର ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ କମିଟିର ଆବାହକ ତଥା ଉପଜିଲ୍ଲାପାଳ ସୁଶାନ୍ତ କୁମାର ପତି, ସହକାରୀ ଉପଜିଲ୍ଲାପାଳ ଗିରୀଶ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

ଚଳିତ ବର୍ଷ ୫ ତାରିଖରୁ ୫ ତାରିଖ ପର୍ଯନ୍ତ ୩ଦିନ ଧରି ମାଲ୍ୟଗିରି ମହୋତ୍ସବ ଅନୁଷ୍ଠିତ ହେବ। ଗୁରୁବାର ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହେବ। ପାଲଲହଡ଼ା ଉପଖଣ୍ଡର ୫ ଟି ସ୍ଥାନରୁ ଯଥା ଖୁଲୁଡ଼ି ଶିବମନ୍ଦିର, ପବିତ୍ରପୁର ଶିବମନ୍ଦିର, ରଜଡ଼ଙ୍ଗ ଶିବମନ୍ଦିର, ମଙ୍ଗରାମୁହାଣ ଶିବମନ୍ଦିର ଏବଂ ମାଲ୍ୟଗିରି ପାହାଡ଼ ପାଦଦେଶରେ ଥିବା ସମଳ ଶିବମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ପାଲଲହଡ଼ା ଜଗନ୍ନାଥ ମନ୍ଦିର ଠାରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ୫ ତାରିଖ ଦିନ ଜଗନ୍ନାଥ ମନ୍ଦିର ଠାରୁ ମଶାଲକୁ ଶୋଭାଯାତ୍ରାରେ ପାଲଲହଡ଼ା ସହର ପରିକ୍ରମା କରି ଷ୍ଟାଡିୟମର ମହୋତ୍ସବ ସ୍ଥଳରେ ସ୍ଥାପନ କରାଯିବ। ମହୋତ୍ସବର ପ୍ରଥମ ଦିନରେ ମୁଖ୍ୟ ଅତିଥି ଭାବରେ ସାଂସଦ ମହେଶ ସାହୁ ଯୋଗ ଦେବାର କାଯ୍ୟକ୍ରମ ରହିଛି। ସ୍ଥାନୀୟ କଳାକାରମାନଙ୍କର ସାଂସ୍କୃତିକ କାଯ୍ୟକ୍ରମ ସାଙ୍ଗକୁ ନାମୀ ଦାମୀ ଓଡ଼ିଆ କଣ୍ଠଶିଳ୍ପୀ ହ୍ୟୁମାନ ସାଗର , ଖାଣ୍ଟି ଅନଗୁଳିଆ ଟୋକା ସିପୁ ମଞ୍ଚରେ ଦର୍ଶକଙ୍କ ମନୋରଞ୍ଜନ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଦ୍ୱିତୀୟ ଦିନରେ ସ୍ଥାନୀୟ ଲୋକକଳା ସାଙ୍ଗକୁ ବଲିଉଡ୍ କଣ୍ଠଶିଳ୍ପୀ ଐଶ୍ୱର୍ଯ୍ୟା ପଣ୍ଡିତ ଓ କମେଡି ଅନଗୁଳିଆ ବଣ୍ଟି ଏବଂ ତୃତୀୟ ଦିନରେ ସ୍ଥାନୀୟ କଳାକାର ତଥା ଇଣ୍ଡିଆନ ଆଇଡଲ ଫେମ୍ କଣ୍ଠଶିଳ୍ପ ରିଷି ସିଂହ ଏବଂ ଉସ୍ତାଦ ରାପ୍ପର କାଯ୍ୟକ୍ରମରେ ଯୋଗଦେଇ ଦର୍ଶକଙ୍କ ମନୋରଞ୍ଜନ କରିବାର କାର୍ଯ୍ୟକ୍ରମ ରହିଥିବା ମହୋତ୍ସବ କମିଟିର ଅଧ୍ୟକ୍ଷ ତଥା ବିଧାୟକ ପାଲ ସୂଚନା ଦେଇଥିଲେ।

## ମହିଳା ମହାବିଦ୍ୟାଳୟରେ ଦର୍ଶନ ବିଭାଗର ସେମିନାର



**ଅନୁଗୋଳ ୩।୧(ସମିସ):** ଅନୁଗୋଳ ମହିଳା ମହାବିଦ୍ୟାଳୟର ଯୁକ୍ତ ତିନି ଦର୍ଶନ ବିଭାଗର ସେମିନାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ତଥା ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ନିରଜା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦିଲ୍ଲୀ ୟୁନିଭର୍ସିଟିର ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର ସୁଭାଷିନୀ ବାରିକ ରିସର୍ଚ୍ଚପର୍ଶନ ଭାବେ ଯୋଗଦେଇଥିଲେ। ପାଠଚକ୍ରରେ ଆଲୋଚନାର ବିଷୟ ଥିଲା ଏଥିକ୍ସ ଥିଓରୀ ଏବଂ ପ୍ରାକ୍ଟିସ। ଅଧ୍ୟକ୍ଷାଙ୍କ ଅଭିଭାଷଣ ପରେ ଆଲୋଚିକା ଡକ୍ଟର ବାରିକ ତାଙ୍କର ଭାଷଣରେ ନୀତି ଶାସ୍ତ୍ରର ସିଦ୍ଧାନ୍ତ ତଥା ଅଭ୍ୟାସ ଉପରେ ଆଲୋକପାତ କରିଥିଲେ। ପ୍ରାଚ୍ୟ ଓ ପାଶ୍ଚାତ୍ୟ ତତ୍ତ୍ୱର ତୁଳନାତ୍ମକ ସମୀକ୍ଷା କରି ଭାରତୀୟ ଦର୍ଶନ କିପରି ତା'ର ଉଦାହରଣ ସେ ପ୍ରଦାନ କରିଥିଲେ। ପ୍ରଶ୍ନୋତ୍ତର ମାଧ୍ୟମରେ ଛାତ୍ରୀମାନଙ୍କ ସନ୍ଦେହ ମୋଚନ କରାଯାଇଥିଲା। ଅଧ୍ୟାପିକା ମୋନାଲିସା ମହାନ୍ତି, ଅଧ୍ୟାପିକା ଗାୟତ୍ରୀ ବାରିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରାଧ୍ୟାପିକା ଅରୁଣା ମିଶ୍ର, ଡକ୍ଟର ସବିତା ମିଶ୍ର ଓ ବିଜୟ ଲକ୍ଷ୍ମୀ ବେହେରା, ସମ୍ୟ ରଞ୍ଜନ ପ୍ରଧାନ ନିକିତା ସୁମନ ଓ ନନ୍ଦିନୀ ନନ୍ଦତଥା ମହାବିଦ୍ୟାଳୟର ସମସ୍ତ ଛାତ୍ରୀମାନେ ଉପସ୍ଥିତ ଥିଲେ। ପରିଶେଷରେ ଯୁକ୍ତ ତିନି ତୃତୀୟ ବର୍ଷର ଛାତ୍ରୀ ପ୍ରତିଭା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ସମାଜସେବୀ କୈଳାସ ଅଗ୍ରୱାଲାଙ୍କ ପରଲୋକ



**ତାଳଚେର, ୩।୧(ସମିସ):** ତାଳଚେରର ବିଶିଷ୍ଟ ବ୍ୟବସାୟୀ ତଥା ସମାଜସେବୀ କୈଳାସ ଚନ୍ଦ୍ର ଅଗ୍ରୱାଲା(୭୭)ଙ୍କ ପରଲୋକ ଘଟିଛି। ସେ ଜଗନ୍ନାଥ ବଜାରର ପୂର୍ବତନ ସଭାପତି ଓ ତାଳଚେର ଫୁଟବଲ୍ ଆସୋସିଏସନର ଉପଦେଷ୍ଟା ଥିଲେ। ପତ୍ନୀ, ଦୁଇ ପୁତ୍ର ଯୁବ ଉଦ୍ୟୋଗୀ କମଳ ଓ ଆଶିଷ, ତିନି ଝିଅ, ନାତି ନାତୁଣୀ ଓ ପରିବାର ବର୍ଗ ମୃତ୍ୟୁ ଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ଶ୍ରୀ ଅଗ୍ରୱାଲାଙ୍କ ବିୟୋଗରେ ଢେଙ୍କାନାଳ ସାଂସଦ ମହେଶ ସାହୁ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ନଗରପାଳ ପବିତ୍ର ଭୂତିଆ ଓ ପୂର୍ବତନ ସାଂସଦ ରବିନାରାୟଣ ପାଣି ପ୍ରମୁଖ ଶୋକବାର୍ତ୍ତାରେ ଶୋକସନ୍ତପ୍ତ ପରିବାରବଙ୍କୁ ସମବେଦନା ଜ୍ଞାପନ କରିଛନ୍ତି। ମରଶରୀରକୁ ଏକ ପଟୁଆରରେ ନିଆଯାଇ ତାଳଚେର ବ୍ରାହ୍ମଣୀ ନଦୀ କୂଳ ନିକଟସ୍ଥ ଶାନ୍ତିଧାମରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର କମଳ ମୁଖାଗ୍ନି ଦେଇଥିଲେ। ତାଙ୍କର ବିୟୋଗରେ ଘୋଡ଼ାଶାଳ ଜଗନ୍ନାଥ ବଜାର ଓ ଚିତ୍ରକୂଟ ବଜାର ସମେତ ଅନ୍ୟାନ୍ୟ ଅଞ୍ଚଳରେ ଦୋକାନ ବଜାର ବନ୍ଦ ରହିଥିଲା।

# 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଆଠମଲ୍ଲିକ୩।୧(ସମିସ):** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକର ଠାକୁରଗଡ଼ ଖୋଳପଦା ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଏଥିରେ ଅନୁଗୋଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ ମୁଖ୍ୟ ଅତିଥି, ଆଠମଲ୍ଲିକ ଉପଜିଲ୍ଲାପାଳ ଡ଼. ଜିତେନ୍ଦ୍ର ପାତ୍ର, ସମ୍ମାନିତ ଅତିଥି, ଆଠମଲ୍ଲିକ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ, କଲେଜ ଅଧ୍ୟାପିକା ପ୍ରତିମା ବାଘ ତତ୍ତ୍ୱାବଧାନରେ ଯୋଗଦେଇ ଥିବା ବେଳେ ଖୋଳପଦା ଡ଼ିଗ୍ରୀ ମହାବିଦ୍ୟାଳୟ ର ଓଡ଼ିଆ ଅଧ୍ୟାପିକା କଲ୍ୟାଣୀ ରୂପା ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ମହାବିଦ୍ୟାଳୟ ର ବାର୍ଷିକ କ୍ରୀଡ଼ା ପ୍ରତଯୋଗିତାର ଭାଗ ନେଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଛାତ୍ର ଛାତ୍ରୀ ମାନେ ସାଂସ୍କୃତିକ ଧର୍ମୀ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଇଂରାଜୀ ଅଧ୍ୟାପକ ସରୋଜ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ଅଧ୍ୟାପକ ତରୁଣ କୁମାର ପ୍ରଧାନ, ଟୁକୁନା ପ୍ରଧାନ ଯୋଗ ଦେଇଥିଲେ।ବାର୍ଷିକ କ୍ରୀଡ଼ା ଉତ୍ସବ ସହ ନବୀନ ଓଡିଶା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ଭିତ୍ତିଭୂମି ର ଉନ୍ନତୀ ନିମନ୍ତେ ଅତିଥି ମାନଙ୍କୁ ନିବେଦନ କରିଥିଲେ।



## ଓର୍‌ମାସ୍‌ର ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଘାଟିତ

**ଅନୁଗୋଳ, ୩।୧(ସମିସ):** ଆଜି ପୂର୍ବାହ୍ନରେ ଓରମାସର ଜିଲ୍ଲାସ୍ତରୀୟ ଏକ ଦିବସୀୟ ପ୍ରଶିକ୍ଷଣ କର୍ମଶାଳାକୁ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଉଦଘାଟନ କରିଛନ୍ତି। ଗ୍ରାମୀଣ ଆର୍ଥିକ ଅବସ୍ଥାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ମୁଖ୍ୟତଃ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକୁ ସଶକ୍ତ କରିବା ଏବଂ ସେମାନଙ୍କ ଦ୍ୱାରା ଉତ୍ପନ୍ନ ଦ୍ରବ୍ୟକୁ ରାଜ୍ୟ ଓ ରାଜ୍ୟ ବାହାରେ ବହୁଳ ମାତ୍ରାରେ ବିକ୍ରୟ କରିବା ଦିଗରେ ଏହି କର୍ମଶାଳା ଆୟୋଜିତହୋଇଯାଇଛି। ଏଥି ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକୁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠାନର ସ୍ତରକୁ କିପରି ପରିବର୍ତ୍ତନ କରାଯାଇପାରିବ ସେ ସମ୍ପର୍କରେ ଏହି କର୍ମଶାଳାରେ ଆଲୋଚନା ହୋଇଥିଲା। ସେହିପରି ଗ୍ରାମୀଣସ୍ତରରେ କୃଷକ ମାନଙ୍କ ଆର୍ଥିକ ସମ୍ବଳ ସୁଦୃଢ଼ କରିବା ଦିଗରେ ସେମାନଙ୍କ ଦ୍ୱାରା ଉତ୍ପନ୍ନ କୃଷି



ଜାତୀୟ ଦ୍ରବ୍ୟର ଅଧିକ ଉତ୍ପାଦନ କରିବା, ଖାଦ୍ୟ ପ୍ରକ୍ରିୟା କରଣ ମାଧ୍ୟମରେ ନୂତନ ରୋଜଗାର ସୃଷ୍ଟି କରିବା ଇତ୍ୟାଦି ଏହି କର୍ମଶାଳାରେ ଆଲୋଚନା ହୋଇଥିଲା। ଏଥି ନିମନ୍ତେ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନଉନ୍ନୟନମୂଳକ ଯୋଜନା ଗୁଡିକୁ କାର୍ଯ୍ୟକାରୀ କରାଯାଇ ଅଭିନବ ଉପାୟରେଗ୍ରା ମୀଣ ଆର୍ଥିକ ସ୍ଥିତିରେ କିପରି ବୈପ୍ଳବିକ ପରିବର୍ତ୍ତନ ହୋଇପାରିବ ସେ ଦିଗରେ ମଧ୍ୟ ଏହି କର୍ମଶାଳାରେବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଏହି କର୍ମଶାଳାକୁ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହ ପରିଚାଳନା କରିଥିବା ବେଳେ ଅତିରିକ୍ତ ଉନ୍ନୟନ ଅଧିକାରୀ ତଥାକାର୍ଯ୍ୟ ନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ ଓ ଓର୍ମାସର କାର୍ଯ୍ୟନିର୍ବାହୀ ଅଧିକାରୀ ସୌରଭମୟଦାସ ପ୍ରଶିକ୍ଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

### ପବିତ୍ରନଗର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# ପ୍ରଥମ ଦିନରେ ତାଳଚେର ୟୁଥ୍ ସ୍ପୋର୍ଟିଂ ବିଜୟୀ

**ପବିତ୍ରନଗର,୩।୧(ସମିସ)**

ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ପବିତ୍ରନଗର ମିନି ଷ୍ଟାଡିୟମରେ ବୁଧବାର ପବିତ୍ରନଗର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଏହାର ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ୯ ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ ସାହୁ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟ ଉଦଘାଟନ କରିଥିଲେ। ପ୍ରଥମ ଦିନରେ ଆୟୋଜକ ପବିତ୍ରନଗର ଓ ତାଳଚେର ୟୁଥ୍ ସ୍ପୋର୍ଟିଂ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ୟୁଥ୍ ସ୍ପୋର୍ଟିଂ ବିଜୟ ଲାଭ କରିଥିଲା।

ପବିତ୍ରନଗର ଟସ୍ ଜିଣି ପ୍ରଥମେ ଫିଲଡିଂ କରିବାକୁ ନିଷ୍ପତ୍ତି ନେବା ପରେ ୟୁଥ୍ ସ୍ପୋର୍ଟିଂ ୨୦ ଓଭରରେ ୧୭୦ ରନ କରିଥିଲା। ଜବାବରେ ପବିତ୍ରନଗର ନିର୍ଦ୍ଧାରିତ ଓଭରରେ ୧୪୮ ରନରେ ସୀମିତ ରହିଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ ମିଶ୍ର ଓ ସୁମନ ପ୍ରଧାନ ଅତିଥି ଭାବେ ଯୋଗଦେଇ ୟୁଥ୍ ସ୍ପୋର୍ଟିଂର କ୍ଷୀରୋଦ ମହାନ୍ତିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଖେଳ ପରିଚାଳନାରେ ରୁଦ୍ରନାରାୟଣ ପ୍ରଧାନ ଓ ଶିଶୁପାଳ ପ୍ରଧାନ ରହିଥିବା ବେଳେ ସ୍କୋରର ଭାବେ ବିକୁନ ସାହୁ ଓ ସିପୁନ ସାହୁ ରହିଥିଲେ। ସୁବାଷ ବେହେରା ଧାରା ବିବରଣୀ ପ୍ରଦାନ କରିଥିଲେ। ସମଗ୍ର ଟୁର୍ଣ୍ଣାମେଣ୍ଟରେ ୯ ଟି ଟିମ୍ ଭାଗନେଉଥିବା ବେଳେ ଆୟୋଜକ ଟିମ୍ ସହିତ ରାଜ୍ୟର ବିଭିନ୍ନ ଜିଲ୍ଲାର କ୍ରିକେଟ କ୍ଲବ ଓ ରାଜ୍ୟ ବାହାରୁ ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ ଓ ମୁମ୍ବାଇରୁ ଟିମ୍ ମଧ୍ୟ ଅଛନ୍ତି ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ପବିତ୍ରନଗର କ୍ଲବ୍ ସଭାପତି ଅଜୟ ପ୍ରଧାନ, ସଂପାଦକ ଅରୁଣ ପ୍ରଧାନ ଓ ସମସ୍ତ ସଦସ୍ୟଙ୍କ ସହଯୋଗରେ ଟୁର୍ଣ୍ଣାମେଣ୍ଟ ପରିଚାଳିତ ହେଉଛି।



# ପ୍ରେମିକର ପ୍ରତାରଣା; ଜୀବନ ହାରିଲେ ପ୍ରେମିକା

**ଡେରାବିଶ, ୩।୧(ସମିସ):** କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଚାନ୍ଦୋଳ ଫାଣ୍ଡି ଅଞ୍ଚଳରେ ଜଣେ ଯୁବକଙ୍କ ପ୍ରେମ ଜାଲରେ ଫସିଥିବା ଜଣେ ଯୁବତୀ ଆତ୍ମହତ୍ୟା କରିଥିବା ନେଇ ଯୁବତୀଙ୍କ ପରିବାର ପକ୍ଷରୁ କେନ୍ଦ୍ରାପଡ଼ା ସଦର ଥାନାରେ ସୋମବାର ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ଥାନାରେ କେଶ୍ ନଂ ୨/୨୪ରେ ରୁଜୁ ହେବା ସହ ପୁଲିସ୍ ପକ୍ଷରୁ ତଦନ୍ତକୁ ଜୋରଦାର କରାଯାଇଛି। ଯୁବତୀଙ୍କ ପରିବାର ପକ୍ଷରୁ ହୋଇଥିବା ଅଭିଯୋଗ ଅନୁଯାୟୀ ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଏକ ଗ୍ରାମରେ ଜଣେ ଯୁବତୀଙ୍କର ସେହି ଫାଣ୍ଡି ଅଞ୍ଚଳର ଅନ୍ୟଏକ ଗ୍ରାମର ଜଣେ ଯୁବକଙ୍କ ସହ ଦୀର୍ଘଦିନ ଧରି ପ୍ରେମ ସମ୍ପର୍କ ରହିଥିଲା। ପ୍ରେମିକ ଜଣକ ଉଭୟଙ୍କ ଅନ୍ତରଙ୍ଗ ମୂହୁର୍ତ୍ତର ଫଟୋ ଓ ଭିଡ଼ିଓକୁ ମୋବାଇଲ୍‌ରେ କଏଦ କରି ସେଗୁଡ଼ିକୁ ଭାଇରାଲ କରିଦେବାକୁ ସମ୍ପୃକ୍ତ ଯୁବତୀ ଜଣଙ୍କୁ ବାରମ୍ବାର ଧମକାଇ ଆସୁଥିଲେ। ଏହି ଘଟଣାରେ ଯୁବତୀ ଜଣକ ମାନସିକ ଚାପରେ ରହିବା ସହ ସୋମବାର ପୂର୍ବାହ୍ନରେ ଯୁବତୀ ଜଣକ ଆତ୍ମହତ୍ୟା କରିଥିବା ଅଭିଯୋଗରେ ଦର୍ଶାଯାଇଛି। ମାନସିକ ଚାପରେ ଯୁବତୀ ଜଣକ ଘରେ ଥିବା ଏକ ପଙ୍ଖାରେ ରଶି ଦେଇ ଆତ୍ମହତ୍ୟା କରିଥିବା ନେଇ ପରିବାର ପକ୍ଷରୁ ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଯୁବତୀଙ୍କ ମୃତ୍ୟୁ ପାଇଁ ସମ୍ପୃକ୍ତ ପ୍ରେମିକଙ୍କୁ ଦାୟୀ କରିଥିବା ବେଳେ ଘଟଣାର ତଦନ୍ତ କରାଯାଇ ଦୋଷୀ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଯୁବତୀଙ୍କ ପରିବାର ପକ୍ଷରୁ ଅଭିଯୋଗରେ ଉଲ୍ଲେଖ ରହିଛି। ଏହି ଘଟଣାରେ ସଦର ପୁଲିସ ତଦନ୍ତ ଜାରି ରଖିଛି।

# ଆଦ୍ୟାଶା ଫାଉଣ୍ଡେସନ୍ ପକ୍ଷରୁ ଅସହାୟଙ୍କୁ ପକ୍କାଗୃହ ପ୍ରଦାନ



**ଡେରାବିଶ,୩।୧(ସମିସ):** ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ଅଡ଼ଙ୍ଗା ଗ୍ରାମର ଭିନ୍ନକ୍ଷମ ଦୀପକ ଜେନାଙ୍କ ଦ୍ୱାରା ପ୍ରତିଷ୍ଠିତ ଆଦ୍ୟାଶା ଫାଉଣ୍ଡେସନ୍ ତରଫରୁ ଏକ ପକ୍କାଘର ହରିଅଙ୍କ ଗ୍ରାମର ଅସହାୟ ସ୍ୱାମୀ ପରିତ୍ୟକ୍ତା ମହିଳା ମାନସୀ ଜେନାଙ୍କୁ ଦାନ କରି ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି। ଘଟଣାରୁ ପ୍ରକାଶ ଆଦ୍ୟାଶା ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଦୀପକ ଜେନା ତାଙ୍କ ସାଙ୍ଗମାନଙ୍କର ସାହାଯ୍ୟକୁ ନେଇ ସଂଗ୍ରହ କରିଥିବା ପାଣ୍ଠିରେ ବିଭିନ୍ନ ଅସହାୟ, ରୋଗୀ, ଦୁଃଖିରଙ୍କୀଙ୍କୁ ସାହାଯ୍ୟ କରିଥାନ୍ତି। ହରିଅଙ୍କ ଗ୍ରାମର ମାନସୀ ଜେନାଙ୍କ ସ୍ୱାମୀ ମାନସିକ ଭାରସାମ୍ୟ ହରାଇ ଦୀର୍ଘବର୍ଷ ହେବ ନିଖୋଜ ଥିବା ବେଳେ ମାନସୀ ତାଙ୍କ ବୃଦ୍ଧା ମା ଫୁଲ ଜେନା ଓ ଦୁଇ ନାବାଳିକା ପିଲାଙ୍କ ସହ ଏକ ଝମ୍ପୁଡ଼ି ଘରେ ବଡ଼ ଦୟନୀୟ ଅବସ୍ଥାରେ ରହି ଆସୁଥିଲେ। ଏହି ଖବର ଦୁଇବର୍ଷ ତଳେ ଦୀପକ ଓ ତାର ସହଯୋଗୀମାନେ ଜାଣିବା ପରେ ପରସ୍ପର ମଧ୍ୟରେ ଅର୍ଥ ଯୋଗାଡ଼ କରି ଘରକାମ ଆରମ୍ଭ କରିଥିଲେ। ଏବେ ଘରଟି ସମ୍ପୂର୍ଣ୍ଣ ହେବା ପରେ ଗତ ସୋମବାର ଦିନ ଅସହାୟ, ସ୍ୱାମୀ ପରିତ୍ୟକ୍ତା ଓ ବାସହରା ମହିଳା ମାନସୀକୁ ଏହି ଘରଟିକୁ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ଅଧ୍ୟାପକ ରମେଶ ଚନ୍ଦ୍ର ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥିଭାବେ ଜିଲ୍ଲା ସମାଜମଙ୍ଗଳ ତଥା ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତକରଣ ଅଧିକାରୀ ପ୍ରଭାସ ଦାସ, ହରିଅଙ୍କ ସରପଞ୍ଚ କନକଲତା ପ୍ରଧାନ, ଯୋଗଦେଇ ଆଦ୍ୟାଶା ଫାଉଣ୍ଡେସନ୍ ଓ ଦୀପକଙ୍କୁ ପ୍ରଶଂସା କରିଥିଲେ। ଏଥିସହିତ ତାଙ୍କ ଅନୁଷ୍ଠାନର ଏହି ମହତ କାର୍ଯ୍ୟ ପାଇଁ ତାଙ୍କର ଦୀର୍ଘାୟୁ କାମନା କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଆଦ୍ୟାଶା ଫାଉଣ୍ଡେସନର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

## ଥାନା ଅଧିକାରିଣୀଙ୍କ ଦବଙ୍ଗଗିରି ଓ ଜାତିଗତ ଆକ୍ଷେପ

# କାର୍ଯ୍ୟାନୁଷ୍ଠାନ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

**କେନ୍ଦ୍ରାପଡା,୩।୧(ସମିସ)**



କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ଥାନା ଅଧିକାରିଣୀ ପ୍ରଜ୍ଞାପରମିତା ଜେନା ଓ ଏଏସ୍ଆଇ ଲୋଭାବତୀ ରାଉତଙ୍କ ବିରୋଧରେ ଜାତିଗତ ଆକ୍ଷେପ ଭଳି ସଙ୍ଗୀନ ଅଭିଯୋଗ ହୋଇଛି। ଏହି ପୁଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଜିଲ୍ଲାପାଳ ଓ ଏସଡିପିଓ କାର୍ଯ୍ୟାଳୟଙ୍କ ନିକଟରେ ୟୁନାଇଟେଡ୍ ଫୋରମ୍ ଓଡିଶା ଜରିଆରେ ଆଜି ଆନ୍ଦୋଳନ ଓ ଧାରଣା କରାଯାଇଛି। ଫୋରମର କାର୍ଯ୍ୟକାରୀ ଅଧ୍ୟକ୍ଷ ମନୋରଞ୍ଜନ ଜେନା ଏବଂ ବିଳାସିନୀ ମଲ୍ଲିକଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ଜନସାଧାରଣ ଗଣଧାରଣାରେ ବସିଥିଲେ। ଅଭିଯୋଗ ମୁତାବକ, ପଳାଶପୁର ଗ୍ରାମର ଖୁଲଣା ମଲ୍ଲିକଙ୍କୁ ସେହି ଗ୍ରାମର ତିନିଜଣ ସବର୍ଣ୍ଣ ଲୋକଆକ୍ରମଣ କରିଥିଲେ ବୋଲି ଥାନାରେ ଅଭିଯୋଗ କରାଯାଇଛି। ୨ ତାରିଖ ଦିନ ପୁଲିସ୍ ଆସାମୀକୁ ଆଣି ୨ଘଣ୍ଟା ପରେ ଅଭିଯୁକ୍ତକୁ ଛାଡିଦେଇଥିବା ବେଳେ ଅଭିଯୋଗକାରିଣୀକୁ ପ୍ରଥମ ଦିନରେ ଦୁଇଘଣ୍ଟା ଓ ତାପର ଦିନ ଏତଲାର କପି ପାଇଁ ଆସିଥିବା ବେଳେ ୫ଘଣ୍ଟା ଭୋକରେ ଉପବାସରେ ଅଟକ ରଖିଥିଲେ। ଏପରିକି ଏତଲା ଦେବାର ୧୨ଘଣ୍ଟା ମଧ୍ୟରେ ପଞ୍ଜିକରଣ କରିବା ପାଇଁ ସର୍ବୋଚ୍ଚ ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶ ଥିଲେ ମଧ୍ୟ ତାହାକୁ ପୁଲିସ ଖୋଲା ଉଲଂଘନ କରିଥିବା ଅଭିଯୋଗ ହୋଇଛି। ଏହି ବିଷୟରେ ଦଳିତ ସଂଘ ନେତା ମନୋରଞ୍ଜନ ଜେନାଙ୍କ ନେତୃତ୍ୱରେ ବିଳାସିନୀ ମଲ୍ଲିକ ଓ ସମାଜସେବିକା ସୁପ୍ରଭା ମଲ୍ଲିକ ସମେତ ବହୁସଂଖ୍ୟକ ମହିଳା ଥାନାକୁ ଯାଇ ପଚାରିବାରୁ ଅଭିଯୋଗକାରିଣୀଙ୍କୁ ଜାତିଗତ ଆକ୍ଷେପ କରାଯାଇଥିଲା ବୋଲି ଅଭିଯୋଗ ହୋଇଥିଲା। ସମସ୍ତଙ୍କୁ ଜାତିଗତ ଆକ୍ଷେପ ଓ ତାଚ୍ଛଲ୍ୟ କରି ପୁଲିସ ପକ୍ଷରୁ କୁହାଯାଇଥିଲା। ଏହାପରେ ମୂଳ ନିବାସୀ ୟୁନାଇଟେଡ୍ ଫୋରମ୍ ତରଫରୁ ଗ୍ରାମବାସୀଙ୍କ ଜରିଆରେ ଏହି ଥାନାରେ ବିଭିନ୍ନ ମାମଲାରେ ପୋଲିସ୍ ନିଷ୍କ୍ରିୟତା, ପକ୍ଷପାତିତା ଓ ମୁଷ୍ଟିମେୟ ବ୍ୟକ୍ତିଙ୍କ ଚାପରେ ପୋଲିସର ଦବଙ୍ଗଗିରି ଓ ଅସଭ୍ୟ ଆଚରଣ ପାଇଁ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଓ ଜାତିଗତ ମାମଲା ରୁଜୁ କରିବା ସହ ଆସାମୀମାନଙ୍କୁ ଗିରଫ ପାଇଁ ଦାବି କରାଯାଇଛି। ଏହାପରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଏସ୍‌ପି ଦେବାଶିଷ ଧଳଙ୍କୁ ଦାବିପତ୍ର ଦିଆଯାଇଥିଲା। ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକ, ଥାନା ଅଧିକାରୀ ଦିଲ୍ଲୀପ ସାହୁ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଏହାସହ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ନିମିତ୍ତ ପ୍ରତିଶ୍ରୁତି ମିଳିଛି। ଏହି ଧାରଣାରେ ଆଡ୍‌ଭୋକେଟ୍ ଅପୂର୍ବ ରଞ୍ଜନ ସେଠୀ, ସୁରେନ୍ଦ୍ର ମଲ୍ଲିକ, ମଦନ ମଲ୍ଲିକ, ବିଦ୍ୟାଧର ମଲ୍ଲିକ, ଦୁଃଖି ମଲ୍ଲିକ, ରୀନା ମଲ୍ଲିକ, ରେଣୁ ମଲ୍ଲିକ, ପ୍ରତିମା ସାମଲ ପ୍ରମୁଖ ଯୋଗ ଦେଇଥିଲେ।

# ନଳିନୀଙ୍କ ମୃତ୍ୟୁ ପରେ ଦୁଃଖରେ ବୁଡିଛି ଓଡ଼ିଗିରିଆ





**ରାଜକନିକା,୩।୧(ସମିସ):** ନୂଆବର୍ଷର ଦିନଟିଏ ଯାଇନି, ସବ ଖୁସିରେ ମସଗୁଲ ଥିବା ବେଳେ କିଏ ଜାଣିଥିଲା ରାତି ପାହିବା ମାତ୍ରେ ଏତେ ବଡ଼ ଦୁଃଖ ସାରା କନିକାକୁ ଦୁଃଖରେ ବୁଡାଇ ଦେବ ବୋଲି। କନିକାର ଗୋଡ଼ିମାଟିରେ କେବଳ ଲୁହ ଆଉ କୋହ। ଏ ଲୁହ ଶୁଖିବାର ନାଁ ଧରିନି କି କୋହ ସମ୍ବରଣ ହେଉନି। ଓଡିଗିରିଆ ଗାଁର ସରଳ ଶାନ୍ତ ହସକୁରା ପିଲାଟି ସବୁଦିନ ପାଇଁ କୋହରେ ବୁଡାଇ ଦେଇ ଚାଲିଯିବ ବୋଲି। ବାପା ମା ତ ଚେତାଶୂନ୍ୟ, ସାରା ଗାଁ ରେ କାନ୍ଦ ବୋବାଳି,କାହାରି ଘରେ ଚୁଲି ଜଳୁନି। ଏମିତି ଏକ ଦାରୁଣ ଦୁଃଖ ଅଜାଡି ଦେଇ ଏହି ଗାଁ ର ୨୨ବର୍ଷୀୟ ରାଜା ସବୁଦିନ ପାଇଁ ଆରପାରିପାରିକୁ ଚାଲିଯାଇଛି। ବାପା ଲମ୍ବୋଦର ଗାହାଣ, ମାଆ ଚନ୍ଦ୍ରକାନ୍ତି ନାଥ ଙ୍କର ଏକମାତ୍ର ପୁଅ ନଳିନୀକାନ୍ତ ଗାହାଣ ଗତକାଲି ମନୋରମା ବସରେ ଯାଇ ଦୁର୍ଘଟଣାର ମୃତ୍ୟୁବରଣ କରିଛି। ଏହି ଦୁର୍ଘଟଣାରେ ରାଜ୍ୟ ସରକାର ଶୋକ ବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ୩ଲକ୍ଷ ଟଙ୍କାର ଅନୁକମ୍ପା ସହାୟତା ଯୋଗାଇ ଆହତଙ୍କ ଚିକିତ୍ସା ଦାୟିତ୍ୱ ବି ନେଇଛନ୍ତି। ହେଲେ ଗତକାଲି ସନ୍ଧ୍ୟାରେ ରାଜାଙ୍କ ମରଶରୀର ରାଜକନିକାର ଚନ୍ଦନପୋଖରୀ ଛକରେ ପହଞ୍ଚିବା ପରେ ଶହ ଶହ ଯୁବକ ସ୍ଥାନୀୟ ଜନଗଣ ଶ୍ରଦ୍ଧାଞ୍ଜଳି ଦେଇ ଏକ ରାଲିରେ ରାଜାଙ୍କ ଜନ୍ମମାଟି ଓଡିଗିରିଆକୁ ଆଣିବା ପରେ ସାରା ଗାଁ ରେ କାନ୍ଦବୋବାଳି ଫାଟିପଡ଼ିଥିଲା। କନିକା ତହସିଲଦାର ଅଶୋକ ଦେହୁରୀ, ବିଡିଓ ପୃଥୀରାଜ ପରିଡା, ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ସରପଞ୍ଚ ଗୀତାଞ୍ଜଳି ସେଠୀ ,ସ୍ଥାନୀୟ ବହୁ ନେତା, ସାଧାରଣ ଲୋକେ ରାଜା ଙ୍କ ବାସଭବନରେ ପହଞ୍ଚି ପରିବାରକୁ ସାନ୍ତ୍ୱନା ଦେଇଥିଲେ। ଗାଁ ଶ୍ମଶାନରେ ରାଜାଙ୍କ ଶେଷକୃତ୍ୟ ସମାପନ ହେବାର ୨୪ ଘଣ୍ଟା ପରେ ବି ସାରା ଗାଁ ଖାଁ ଖାଁ ସହ କାନ୍ଦବୋବାଳି ଜାରି ରହିଛି। ଏକମାତ୍ର ପୁଅକୁ ହରାଇଥିବା ବାପା ଓ ମା'ଙ୍କ ହୋସ ଆସୁ ନଥିବାବେଳେ ବିବାହିତ ଭଉଣୀ ବିନ୍ଦୁ ବିନୟନୀ ଗାହାଣ ଓ ଭାଇଁ ସଞ୍ଜୟ ବେଜ ମଧ୍ୟ ଅନୁରୂପ ଭାବରେ ମ୍ରିୟମାଣ ହୋଇ ଯାଇଛନ୍ତି। ସମସ୍ତଙ୍କର ଆପଣାର ଯୁବକ ଭୁବନେଶ୍ୱରକୁ ଇଣ୍ଟରଭ୍ୟୁ ଦେବାକୁ ଯିବା ବାଟରେ ଆକସ୍ମିକ ମୃତ୍ୟୁ ଘଟଣା କଥା ସହଜରେ ମନରୁ ଲିଭିବନି ବୋଲି ଗାଁ ର ଆବାଳ ବୃଦ୍ଧବନିତାଙ୍କ କହିଛନ୍ତି।

# ସମାଜସେବୀଙ୍କ ପରଲୋକ



**ରାଜନଗର,୩।୧(ସମିସ):** ରାଜନଗର ବ୍ଲକ ରାଜନଗର ଗ୍ରାମର ଯୁବ ବ୍ୟବସାୟୀ ଦୀପକ କୁମାର ଦାସଙ୍କ ପିତା ତଥା ସମାଜସେବୀ ବାସୁଦେବ ଦାସଙ୍କର ୯୨ବର୍ଷରେ ବୁଧବାର ପରଲୋକ ଘଟିଛି। ରାଜନଗର ବିଧାୟକ ଧ୍ରୁବ ସାହୁ, ଜୟଦୁର୍ଗା ବଣିକ ସଂଘର ସଭାପତି ଶଙ୍କର୍ଷଣ ମିଶ୍ର, ସମିତିସଭ୍ୟ ପ୍ରଶାନ୍ତ ରାଉତ, ରଶ୍ମୀରଞ୍ଜନ ରାଉତ, ରବୀନ୍ଦ୍ର କୁମାର ରାଉତ, ଅଜୟ କୁମାର ଦାସ, ପ୍ରିୟବ୍ରତ ଦାସ, ସଂଗ୍ରାମ ଦାସ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ହଂସୁଆ ନଦୀତଟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ପୁତ୍ର ଦୀପକ ମୁଖାଗ୍ନି ଦେଇଥିଲେ।




# ଭାବଗ୍ରାହୀ କଳା ନିକେତନର ପ୍ରତିଷ୍ଠା ଦିବସ



**ନିକିରାଇ,୩।୧(ସମିସ):** ବାରୁଅସ୍ଥିତ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନର ୩୭ ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ସମ୍ପାଦକ ତଥା ସଂଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ମାନସ ଭୂଷଣ ପଣ୍ଡିତ ହୃଷୀକେଶ ରଥ, ମୁଖ୍ୟବକ୍ତା ଭାବେ କବି ମେଜର୍ ଭରତ ଚନ୍ଦ୍ର ଜେନା, ସମ୍ମାନୀତ ଅତିଥି ଭାବେ ସମାଜସେବୀ ଶୁଭଙ୍କର ନାୟକ ଏବଂ ହରିଶ୍ଚନ୍ଦ୍ର ଜେନା ଯୋଗ ଦେଇଥିଲେ। ବିମଳ ପରିଡା ଅତିଥି ପରିଚୟ ପ୍ରଦାନ ସହିତ ସ୍ୱାଗତ ଭାଷଣ ଦେଇଥିଲେ। ରୂପାଲି ସୂତାର ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ନମିତା ସ୍ୱାଇଁ, ଭାଗ୍ୟଲକ୍ଷ୍ମୀ ପରିଡା, ରାଜଲକ୍ଷ୍ମୀ ପରିଡା, ଅର୍ଚ୍ଚନା ପରିଡା ଏବଂ ରଶ୍ମିତା ସୂତାର ସ୍ୱାଗତ ସଂଗୀତ ଗାଇଥିଲେ। ଅନୁଷ୍ଠାନର ଛାତ୍ର ଛାତ୍ରୀମାନେ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଓଡିଶୀ ଗୁରୁ ରବୀନ୍ଦ୍ର ନାଥ ମିଶ୍ର, କଣ୍ଠଶିଳ୍ପୀ ନିରୁପାମା ଜେନା।, ଉପେନ୍ଦ୍ର ପାଢୀ, କ୍ରିଷ୍ଣା ପଲାଇ, ସୌଭାଗିନୀ ମହାପାତ୍ର, ସୁଶୀଲ୍ ସୂତାର, ସୁରେନ୍ଦ୍ର ରାଉତ୍ ପ୍ରମୁଖ ଓଡିଶୀ, ଭଜନ ଏବଂ ଅକ୍ଷୟ ସଂଗୀତ ପରିବେଷଣ କରି ସମସ୍ତଙ୍କୁ ମନ୍ତ୍ର ମୁଗ୍ଧ କରିଥିଲେ। ଏହି ଅବସରରେ ତୁଳସୀ ମହୋତ୍ସବ ଏବଂ ଲକ୍ଷ୍ମୀ ପୁରାଣ ଗାୟନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଥିଲା। ବିଷ୍ଣୁ ଚରଣ ବାରିକ, କାଞ୍ଚନ ଷଡଙ୍ଗୀ ଏବଂ ତପନ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ମା'ମଙ୍ଗଳା ହେଲ୍ପ ଫାଉଣ୍ଡେସନର ବାର୍ଷିକ ଉତ୍ସବ

**ରାଜନଗର, ୩।୧(ସମିସ):** ସ୍ୱେଚ୍ଛାସେବୀ ସଂଗଠନ ମା'ମଙ୍ଗଳା ହେଲ୍ପ ଫାଉଣ୍ଡେସନର ୨ୟ ବାର୍ଷିକ ଉତ୍ସବ ରିଘାଗଡସ୍ଥିତ ଜରାନିବାସରେ ପାଳିତ ହୋଇଯାଇଛି। ପଣ୍ଡିତ ସନ୍ତୋଷ ଶତପଥିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବାର ଆସୋସିଏସନର କୋଷାଧ୍ୟକ୍ଷ ଆଡଭୋକେଟ ଧିରେନ୍ଦ୍ର ନାଥ ସାହୁ, ସାମାଜିକକର୍ମୀ ସୁଶ୍ରୀକାନ୍ତ ପରିଡା ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ରାକେଶ ମୁଦୁଲି, ସଂପାଦକ ଅମ୍ଳାନ ଜେନା ସଂଗଠନର କାର୍ଯ୍ୟଧାରା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଜରାନିବାସର ଅନ୍ତେବାସୀଙ୍କ ସହିତ ଏହି ଉତ୍ସବକୁ ପାଳନ କରିଥିଲେ। ଏହି ଅବସରରେ ପଣ୍ଡିତ ସନ୍ତୋଷ ଶତପଥି ଏବଂ ସୁଶ୍ରୀକାନ୍ତ ପରିଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଜୟ ତ୍ରିପାଠୀ, ଅଶ୍ୱିନୀ ପାତ୍ର, ପ୍ରବୋଧ ଜେନା, ସର୍ବେଶ୍ୱର ମଲ୍ଲିକ, ପଙ୍କଜ ସେନାପତି ପ୍ରମୁଖ ପରିଚାଳନା କରିଥିଲେ।

# ଜନ୍ମବେଦୀରେ ଶ୍ରୀମଦ୍ ବାୟାବାବାଙ୍କ ଜୟନ୍ତୀ

ରାଜନଗର,୩।୧(ସମିସ): ବିଶ୍ୱଗୁରୁ ନାମାଚାର୍ଯ୍ୟ ଶ୍ରୀମଦ ବାୟାବାବାଙ୍କ ଜନ୍ମମାଟି କେରେଡ଼ାଗଡଠାରେ ୧୨୬ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଶ୍ରୀ ଶ୍ରୀ କଳ୍ପତରୁ ସଚ୍ଚିଦାନନ୍ଦ ଟ୍ରଷ୍ଟ ସେବା ସଂଘ ଓ ଜନ୍ମପୀଠ ଶାଖାଠାରେ ଶ୍ରୀମଦ୍ ବାୟାବାବାଙ୍କ ଜୟନ୍ତୀ ପାଳିତ ହେବା ସହିତ ସନାତନ ଧର୍ମର ଅନ୍ୟତମ ପରିବ୍ରାଜକ ତଥା କଳିଯୁଗର ମହାମନ୍ତ୍ର ନାମକୁ କେବଳ ଓଡିଶା ନୁହେଁ, ଭାରତର ବିଭିନ୍ନ ସ୍ଥାନରେ ପ୍ରଚାର ଓ ପ୍ରସାର କରି ସେ କାଳଜୟୀ ହୋଇପାରିଥିଲେ ବୋଲି ଆୟୋଜିତ ଉତ୍ସବରେ ପଣ୍ଡିତ ବିରେନ୍ଦ୍ର ପଣ୍ଡା କହିଥିଲେ।

ପ୍ରତ୍ୟୁଷରୁ ଶ୍ରୀମଦ ବାୟାବାବାଙ୍କ ପ୍ରତିମୂର୍ତ୍ତିକୁ ପୁଷ୍ପରେ ସୁସଜ୍ଜିତ କରି ଦିବା ୯ ଘଟିକାରେ ୧୦୮ କଳସ ଜଳରେ ମହାସ୍ନାନ କରାଯାଇଥିଲା। ଉକ୍ତ ଉତ୍ସବକୁ ଜନ୍ମମାଟି ଶାଖାର ସଭାପତି ବ୍ରହ୍ମାନନ୍ଦ ତ୍ରିପାଠୀ, ସଂପାଦକ କପିଳ ଚନ୍ଦ୍ର ଦାସ, ନଟବର ରାଉତ, ପ୍ରଦୀପ ବିଶ୍ୱାଳ, ଅନନ୍ତ ରାଉତ, କୃଷ୍ଣଚନ୍ଦ୍ର ପ୍ରଧାନ, ବାବାଜୀ ସାହୁ, ମେଘଶ୍ୟାମ ସାହୁ, ଭରତ ଜେନା, ରାଧାକୃଷ୍ଣ ପାତ୍ର, ନବକିଶୋର ପାତ୍ର, ଅକ୍ଷୟ କୁମାର ରାଉତ, ମନମୋହନ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ରାଜନଗର ବ୍ଲକ ମହିଁଷାସୁର ବାୟାବାବାଙ୍କ ସେବାଶ୍ରମ ଓ ଗୁଲୁଦିଆ ସେବାଶ୍ରମରେ ଆନନ୍ଦ ଉଲ୍ଲାସ ମଧ୍ୟରେ ଶ୍ରୀମଦ ବାୟାବାବାଙ୍କ ଜନ୍ମୋତ୍ସବ ପାଳନ କରାଯାଇଛି। କାର୍ଯ୍ୟକ୍ରମକୁ ସଂଘର ସନାତନ ନାୟକ, ଦୁଃଶାସନ ନାୟକ, ଶତ୍ରୁଘ୍ନ ନାୟକ, କୈଳାସ ପରିଡା, ରମାକାନ୍ତ ବିଶ୍ୱାଳ, ଚିତ୍ତରଞ୍ଜନ ସାହୁ, ଶରତ ବିଶ୍ୱାଳ, ଗଣେଶ୍ୱର ପ୍ରଧାନ, ଚିତ୍ତରଞ୍ଜନ ଜେନା, ବଳରାମ ପ୍ରଧାନ, ନିତ୍ୟାନନ୍ଦ ସାହୁ, ଜ୍ୟୋତିବ୍ରତ ନାୟକ, ସୁବାସ ସେଠୀ, ମହେଶ୍ୱର ବାରିକ, ସନ୍ତୋଷ ପାଢୀ, ଅଚ୍ୟୁତି ବଳ, ବସନ୍ତ ରାଉତ, ସଦାନନ୍ଦ ନାୟକ, ଗନ୍ଧର୍ବ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



### ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

# ସହରରେ ଲାଗିଥିବା ଏଲ୍‌ଇଡିରେ ହେବ ସିଧାପ୍ରସାରଣ

**ଜଗତସିଂହପୁର, ୩।୧(ସମିସ)**



ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ପାରୁଲ ପଟ୍ଟୱାରି ଆଗାମୀ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସକୁ ସରସ ସୁନ୍ଦର କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ନିଷ୍ପତ୍ତି ଅନୁଯାୟୀ ୨୬ ତାରିଖ ସକାଳ ୪.୩୦ ରେ ରାମଧୁନ ଗାନ, ସକାଳ ୬ଟାରେ ପ୍ରଭାତ ଫେରି, ସକାଳ ୭ଟାରେ ବିଭିନ୍ନ ଅନୁଷ୍ଠାନମାନଙ୍କରେ ଜାତୀୟ ପତାକା ଉତ୍ତୋଳନ ଏବଂ ୮.୩୦ ରେ ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍‌ଠାରେ ଜିଲ୍ଲାସ୍ତରୀୟ ପତାକା ଉତ୍ତୋଳନ କରାଯିବ। ପତାକା ଉତ୍ତୋଳନ ସମୟରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ପରିବେଷଣ କରାଯିବ। ଜାନୁଆରୀ ୨୨ ଓ ୨୩ ଅପରାହ୍ନ ୩ ଘଟିକା ଏବଂ ଜାନୁଆରୀ ୨୪ ତାରିଖ ସକାଳ ୭ଟା ୩୦ରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ଠାରେ ଅଭ୍ୟାସ ପରେଡ୍ ଅନୁଷ୍ଠିତ ହେବ। ପରେଡ୍‌ରେ ଜିଲ୍ଲାର ପୋଲିସ ବାହିନୀ ଦ୍ୱାରା ବ୍ୟାଣ୍ଡବାଦ୍ୟ ପରିବେଷଣ କରାଯିବ। ପରେଡ୍‌ରେ କେବଳ ଅଷ୍ଟମରୁ ଦଶମ ଶ୍ରେଣୀ ଏବଂ କଲେଜ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିପାରିବେ।

ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ବିଦ୍ୟାଳୟସ୍ତରରେ ପ୍ରଥମରୁ ତୃତୀୟ, ଚତୁର୍ଥ ଓ ପଞ୍ଚମ, ଷଷ୍ଠରୁ ଅଷ୍ଟମ, ତଥା ନବମ ଓ ଦଶମ ଏହିପରି ଚାରିଟି ବର୍ଗରେ ତଥା ମହାବିଦ୍ୟାଳୟ ସ୍ତରରେ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ଓ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହେବ। ବ୍ଲକ ଓ ପୌରପରିଷଦ ମଧ୍ୟରେ ଏହି ପ୍ରତିଯୋଗିତା ୧୭ତାରିଖ ଦିନ ଓ ଜିଲ୍ଲାସ୍ତରରେ ୨୦ତାରିଖ ଦିନ ଅନୁଷ୍ଠିତ ହେବ। ଏସ୍‌ଭିଏମ୍ କଲେଜ ଅଧ୍ୟକ୍ଷ ଓ ଜିଲ୍ଲା ଶିକ୍ଷା ଅଧିକାରୀ, ଜଗତସିଂହପୁର, ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାର ବିଷୟ ପ୍ରଦାନ କରିବେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଶିଶୁ ଆଶ୍ରମର ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରତିଯୋଗିତାର ଆୟୋଜନ କରାଯିବା ସହିତ ସେମାନଙ୍କୁ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଦେଖିବାକୁ ଷ୍ଟାଡିୟମ୍ ନେବାର ବ୍ୟବସ୍ଥା କରିବାକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଦାୟିତ୍ୱ ଦେଇଥିଲେ ଜିଲ୍ଲାପାଳ। ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ନବଜାତକ କନ୍ୟା ସନ୍ତାନମାନଙ୍କୁ ସ୍ୱତନ୍ତ୍ର ପୁରସ୍କାର ସହିତ ସମ୍ବର୍ଦ୍ଧିତ କରାଯିବ। ପରେଡ୍ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ବିଭିନ୍ନ ବିଦ୍ୟାଳୟରେ ପ୍ରତିଯୋଗିତା କରି ୪ ଗୋଟି ସାଂସ୍କୃତିକ ଦଳ ବାଛିବେ। ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ସମସ୍ତ ସରକାରୀ କାର୍ଯ୍ୟାଳୟ ଗୁଡିକ ଆଲୋକ ସଜ୍ଜା କରାଯିବ। ବିଭିନ୍ନ ବିଭାଗ ଓ ପାରାଦ୍ୱୀପର ପ୍ରମୁଖ ଶିଳ୍ପସଂସ୍ଥା ମାନଙ୍କ ଦ୍ୱାରା ପ୍ରଜ୍ଞାପନ ମେଢ଼ ପରେଡ ସମୟରେ ପ୍ରଦର୍ଶିତ ହେବ। ଆଇନ ଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ ଦାୟିତ୍ୱ ଆରକ୍ଷୀ ଅଧୀକ୍ଷକ ନେବାପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା। ପୌରପରିଷଦ ପକ୍ଷରୁ ସହରରେ ଲାଗିଥିବା ଏଲ୍‌ଇଡି ମନିଟରରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସର ସିଧାପ୍ରସାରଣ ପାଇଁ ପୌରପରିଷଦକୁ ନିର୍ଦ୍ଦେଶ ଦିଆଗଲା। ଶ୍ରେଷ୍ଠ ବୈଷୟିକ ବିଦ୍ୟାର୍ଥୀଙ୍କୁ ପୁରସ୍କାର ଦେବାପାଇଁ ଜିଲ୍ଲା କର୍ମନିଯୋଜନ ଅଧିକାରୀ ଓ ଅଧ୍ୟକ୍ଷ ପାରାଦ୍ୱୀପ ଆଇଟିଆଇଙ୍କୁ ଦାୟିତ୍ୱ ଦିଆଗଲା।

ବୈଠକରେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଅତିରିକ୍ତ ଜିଲ୍ଲାପାଳ ଚିନ୍ମୟୀ ବିଶ୍ୱାଳ, ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ୍ ରାଉତ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ରବି ନାରାୟଣ ଜେଠୀ, ଉପ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଉପ ଜିଲ୍ଲାପାଳ ବିବୁଧ ଗଡ଼ନାୟକ, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଓ ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ କାର୍ଯ୍ୟସୂଚୀ ଅନୁଯାୟୀ ବୈଠକ ପରିଚାଳନା କରିଥିଲେ। ଶେଷରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଟୀ ତନୟା ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଜିଲ୍ଲା ସାମ୍ବାଦିକ ସଂଘର ବୈଠକ



**ବାଲିକୁଦା, ୩।୧(ସମିସ):** ବାଲିକୁଦା ବ୍ଲକ କୁସୁପୁର ପଞ୍ଚାୟତ ଦେକଣି ସ୍ଥିତ ଆକାଶଡିଆଠାରେ ଜଗତସିଂହପୁର ଜିଲା ସାମ୍ବାଦିକ ସଂଘ (ଉତ୍କଳ ସାମ୍ବାଦିକ ସଂଘ ଓଡ଼ିଶା ଅନୁବନ୍ଧିତ) ପକ୍ଷରୁ ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ମନୋଜ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପ୍ରଥମେ ସଂଘର ବରିଷ୍ଠ ସଦସ୍ୟ ସାମ୍ବାଦିକ ପ୍ରମୋଦ କୁମାର ଦାସଙ୍କର ସଡ଼କ ଦୁର୍ଘଟଣାରେ ଆକସ୍ମିକ ବିୟୋଗକୁ ନେଇ ଶୋକ ପ୍ରସ୍ତାବ ଗୃହୀତ ହୋଇଥିଲା। ଗତକାଲି ତାଙ୍କର ମର ଶରୀର ତିର୍ତ୍ତୋଲରେ ପହଁଚିବା ପରେ ଜଗତସିଂହପୁର ଜଲ୍ଲା ସାମ୍ବାଦିକ ସଂଘ ଓ ତିର୍ତ୍ତୋଲ ପ୍ରେସ କ୍ଲବ ପକ୍ଷରୁ ସ୍ଥାନୀୟ ଶାରଳା ରୋଡ଼ ଛକ ନିକଟରୁ ଏକ ଶୋଭାଯାତ୍ରାରେ ତାଙ୍କ ଜନ୍ମମାଟି ମଣିଜଙ୍ଗା ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଆଜି ସ୍ୱର୍ଗତ ଦାସଙ୍କ ସ୍ମୃତିରେ ନିରବ ପାର୍ଥନା ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭାରେ ରାଜ୍ୟ ସମ୍ପାଦକ ରାଧାକାନ୍ତ ମିଶ୍ର, ଜିଲ୍ଲା ସାଧାରଣ ସମ୍ପାଦକ ନିରଞ୍ଜନ ବାରିକ, ସଙ୍ଗଠନ ସମ୍ପାଦକ ଅମରଜ୍ୟୋତି ସାହୁ, କୋଷାଧ୍ୟକ୍ଷ ମାନସ କୁମାର କାନୁନଗୋ, ଉପସଭାପତି ସୁଜନ କୁମାର ମୁଦୁଲି, ତାପସ ସ୍ୱାଇଁ, ସହସମ୍ପାଦକ ଦେବଜ୍ୟୋତି ମହାନ୍ତି, ସୁରେଶ ନାୟକ, ବରିଷ୍ଠ ସଦସ୍ୟ ପରେଶ ଦାସ, ବିଧାନ ରାଉଳ, ଅଜୟ ରାଉତ, ପ୍ରଣବ ପ୍ରଧାନ, ସନ୍ତୋଷ ମଲିକ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୁତି ଭୂଷଣ କର, ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ସୁନାମି ସଚେତନତା କାର୍ଯ୍ୟକ୍ରମ



**ବାଲିକୁଦା, ୩।୧(ସମିସ):** ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜଗତସିଂହପୁର ଜିଲ୍ଲା ପ୍ରଶାସନ ତରଫରୁ ଚିହ୍ନଟ କରାଯାଇଥିବା ସୁନାମି ପ୍ରବଣ ଅଞ୍ଚଳରେ ଜଗତସିଂହପୁର ଜିଲ୍ଲାର ସ୍ୱେଚ୍ଛାସେବୀ ସଂଗଠନ ରସା ଅନୁଷ୍ଠାନ ପକ୍ଷରୁ ଧନୁହର ବେଲାରି ରାଜସ୍ୱ ଗ୍ରାମରେ ରେଡ୍‌କ୍ରସ୍ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଓ କେରବେଲାରିଠାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରସାର ସମ୍ପାଦକ ନିରଞ୍ଜନ ବାରିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସୁନାମି ସମ୍ପର୍କରେ ଆଲୋଚନା କରାଯାଇଥିଲା।ଆଶ୍ରୟସ୍ଥଳୀର ସମ୍ପାଦକ ବିଜୟ କୁମାର ସାମଲ, ଘନଶ୍ୟାମ ବେହେରା, ସିଆର୍‌ପି ସଂଯୁକ୍ତା ପରିଡ଼ା, ସ୍ୱପ୍ନା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ସାଇକୃପା କଳା ବିକାଶ କେନ୍ଦ୍ର ତରଫରୁ ସୁନାମି ସଚେତନତା ଉପରେ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା।

## ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି

**ଜଗତସିଂହପୁର, ୩।୧ (ସମିସ ):** ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜୟନ୍ତୀ ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ପାଳିତ ହୋଇଯାଇଛି। ଡ଼ାକବଙ୍ଗଳା ଛକରେ ଥିବା ଜାନକୀବଲ୍ଲଭ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସ୍ମୃତିଚାରଣ କରାଯାଇଥିଲା। ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀ, ବ୍ଲକ କଂଗ୍ରେସ ସଭାପତି ଅଦୈତ କୁମାର ଜେନା, କଂଗ୍ରେସ ନେତା ମାନସ କୁମାର ରଥ, ସୁଦର୍ଶନ



ବେହେରା, ଅବନୀକାନ୍ତ ମହାରଣା, ସରପଞ୍ଚ ଲିପକ କୁମାର ସାହୁ, ପୂର୍ବତନ ସରପଞ୍ଚ ନାରାୟଣ କାନୁନଗୋ, ସଂଖ୍ୟାଲଘୁ ସେଲ ନେତା ଇମତିଆଜ ଖାଁ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ଅନନ୍ତ ବାସୁଦେବ ମିଶ୍ର ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଜାନକୀବଲ୍ଲଭଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଶାରଳା ମଣ୍ଡଳ ଗହଣ ଦଳର ବୈଠକ

**କୁଜଙ୍ଗ, ୩।୧(ସମିସ):** କୁଜଙ୍ଗରେ ଶାରଳା ମଣ୍ଡଳ ଗହଣ ଦଳର ବୈଠକ ବାବା ବଂଶୀଧର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରମେଶ ଚନ୍ଦ୍ର ଦାସ, ମହେଶ ଚନ୍ଦ୍ର ପାଳ, ଗୀତା ଦାସ, ରଶ୍ମିକଳା ମହାନ୍ତି ପ୍ରମୁଖ ମହାପୁରୁଷ ଅଚ୍ୟୁତଙ୍କ ଜୀବନୀ, ସମାଜ ପାଇଁ ଥିବା ବାଣୀଙ୍କୁ ଆଲୋଚନା କରି ପଞ୍ଚଶଖାଙ୍କ ବିଭିନ୍ନ କାର୍ଯ୍ୟ, ସନାତନ ଧର୍ମର ପ୍ରଚାର ପ୍ରସାର କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଗହଣଦଳ ପକ୍ଷରୁ ମନ୍ଦାକିନୀ ସ୍ୱାଇଁ, ଧରିତ୍ରୀ ପାତ୍ର, ରାଜୀବ ଖୁଣ୍ଟିଆ, ମନୋରଞ୍ଜନ ରାଉତ, ସୁବୋଧ ଦାସ, ଦିଲୀପ ଦାସ, ସୁଧାଂଶୁ ପୃଷ୍ଟି, ନିରୂପମା ମହାନ୍ତି, ଚିନ୍ମୟ ନାୟକ, ପଦ୍ମନାଭ ଦାସ, ମନୋରଞ୍ଜନ ରାଉତ, ନରହରି ପ୍ରଧାନ, ଅଜୟ ଖୁଣ୍ଟିଆ, ପର୍ଶୁରାମ ଖୁଣ୍ଟିଆ, ଲକ୍ଷ୍ମୀପ୍ରିୟା ବେହେରା, ଅମର ଦାସ ଓ ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

### ■ ଜିଲ୍ଲା ଫଟୋ, ଭିଡିଓ ଟ୍ରେଡର ଆସୋସିଏସନ୍ ସମାବେଶ

## ମହେଶ୍ୱର ପୁଣି ସଭାପତି ମନୋନୀତ



**ଜଗତ୍‌ସିଂହପୁର/କୁଜଙ୍ଗ, ୩।୧(ସମିସ):** ଜଗତସିଂହପୁର ଜିଲ୍ଲା ଫଟୋ, ଭିଡିଓ ଟ୍ରେଡର ଆସୋସିଏସନ୍‌ର ଏକ ସମାବେଶ ସଭାପତି ମହେଶ୍ୱର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ ଏକ ଫଟୋ କର୍ମଶାଳା ଓ ବାର୍ଷିକ ଉତ୍ସବ ନେଇ ଆଲୋଚନା କରାଯାଇଥିଲା। ଏହି ଅବସରରେ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇ ସଭାପତି ଭାବେ କୁଜଙ୍ଗ ବଜାରର ପ୍ରମୁଖ ବ୍ୟବସାୟୀ ପୁନଃ ସଭାପତି ହୋଇଥିବା ବେଳେ ଉପଦେଷ୍ଟା ପଞ୍ଚାନନ ପ୍ରଧାନ, ସୁକାନ୍ତ କୁମାର ଦାସ, ସୁରେଶ କୁମାର ଚୌଧୁରୀ, ଉପସଭାପତି ନରେନ୍ଦ୍ର ସ୍ୱାଇଁ, ଲାଲ ସଂଗ୍ରାମ କେଶରୀ ରାୟ, ପ୍ରମୋଦ ବିଶ୍ୱାଳ, ପ୍ରଦୀପ୍ କୁମାର ଦାସ, ସମ୍ପାଦକ ଭାବେ ଶୁଭଙ୍କର ଜେନା, ସହ ସମ୍ପାଦକ ଭାବେ ଅରବିନ୍ଦ ମହାନ୍ତି, ଗଗନ ମଲିକ, ବିକ୍ରମ ସାହୁ, ରୂପେଶ ବାରିକ, ନିତ୍ୟାନନ୍ଦ ସାହୁ, ସଞ୍ଜୟ ପାତ୍ର, କୋଷାଧ୍ୟକ୍ଷ ଭାବେ ଅତନୁ କୁମାର ସ୍ୱାଇଁ, ସହ କୋଷାଧ୍ୟକ୍ଷ ଭାବେ ଜିତେନ୍ଦ୍ର ପ୍ରଧାନ, ସାଂଗଠନିକ ସମ୍ପାଦକ ଭାବେ ବାସୁଦେବ ସ୍ୱାଇଁ, କାର୍ଯ୍ୟକାରୀ ସଭ୍ୟ ଭାବେ ଧର୍ମାନନ୍ଦ ପ୍ରଧାନ, ଦେବରାଜ ମିଶ୍ର, ଭରତ କୁମାର ସୂତାର, ବିଷ୍ଣୁ ଚରଣ ରାୟ, ବାସୁଦେବ ବେହେରାଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ବୈଠକରେ ଫଟୋଗ୍ରାଫରଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସଂଘ ବିରୋଧୀ କାର୍ଯ୍ୟ ପାଇଁ କେତକ ସଭ୍ୟଙ୍କୁ ମଧ୍ୟ ସଂଘରୁ ନିଲମ୍ବନ କରାଯାଇଥିଲା। ସହ କୋଷାଧ୍ୟକ୍ଷା ଜିତେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଳକା ଆର୍ଟ ଏକାଡେମୀର ବାର୍ଷିକ ଉତ୍ସବ

**ବାଲିକୁଦା, ୩।୧(ସମିସ):** ବାଲିକୁଦା ବ୍ଲକ ଆମ୍ବଶାଳସ୍ଥିତ କଲ୍ୟାଣମଣ୍ଡପଠାରେ ମାଛଗାଁ ଅଳକା ଆର୍ଟ ଏକାଡେମି ପକ୍ଷରୁ ପ୍ରଶିକ୍ଷଣ ଶିବିର ଓ ବାର୍ଷିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଲିକୁଦା ବିଡ଼ିଓ ବିକାଶ କୁମାର ମହାନ୍ତି ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଦୁଇ ଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ଅନୁଷ୍ଠାନର ସଭାପତି ଅକ୍ଷୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବାବେଳେ ମୁଖ୍ୟ ଅତିଥି ବିଡ଼ିଓ ଶ୍ରୀ ମହାନ୍ତି, ଅନୁଷ୍ଠାନର ଅଧ୍ୟକ୍ଷ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ଅରୁଣ କୁମାର ମହାନ୍ତି, ସ୍ଥାନୀୟ ସରପଞ୍ଚ ଆଲୋକ ସ୍ୱାଇଁ, ସମିତିସଭ୍ୟା ରୋଜାଲିନ୍ ଲେଙ୍କା, ପୂର୍ବତନ ସରପଞ୍ଚ ହେମନ୍ତ କୁମାର ସାହୁ, ଗୌରଙ୍ଗ ଚରଣ ଦାସ ପ୍ରମୁଖ ଯୋଗଦେଇ ଏହି ଅନୁଷ୍ଠାନ ଓଡ଼ିଶାର କଳା ସଂସ୍କୃତି ଐତିହ୍ୟ ପରମ୍ପରା ଆଦି ବଜାୟ ରଖିବା ପାଇଁ ଯେଉଁ ଉଦ୍ୟମ ଜାରି ରଖିଛି ତାହା ପ୍ରଶଂସନୀୟ ବୋଲି କହିଥିଲେ। ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରୀମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଯାହାକୁ ନୃତ୍ୟଗୁରୁ ନାରାୟଣ ପରିଡ଼ା, ଲକ୍ଷ୍ମୀଧର ଜେନା, ସଙ୍ଗୀତ ଗୁରୁ କପିଳେଶ୍ୱର ମହାନ୍ତି, ଚିତ୍ରକଳା ଗୁରୁ ନାରାୟଣ ଦାସ ପ୍ରମୁଖ ପରିଚାଳନା କରିଥିଲେ। ସନ୍ଧ୍ୟା ସମୟରେ ସଭାପତି ଅକ୍ଷୟ କୁମାର ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଚିନ୍ମୟୀ ବିଶ୍ୱାଳ, ମୁଖ୍ୟ ବକ୍ତା ଭାବେ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବାଲିକୁଦା ତହସିଲଦାର ଅଂଶୁମାନ ଶତପଥୀ, ବିଡ଼ିଓ ବିକାଶ କୁମାର ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା, ଶିକ୍ଷାବିତ କୈଳାସ ଚନ୍ଦ୍ର ବିଶ୍ୱାଳ ଯୋଗ ଦେଇ ଅନୁଷ୍ଠାନର ଏଭଳି ମହତ ଆୟୋଜନ ପାଇଁ ପ୍ରଶଂସା କରିବା ସହ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅଧ୍ୟକ୍ଷ ଅରୁଣ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ମା' ଜାଗୁଲାଇ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ; ଅରିଲୋ ଚାମ୍ପିଅନ



**ତିର୍ତ୍ତୋଲ, ୩।୧(ସମିସ):** ତିର୍ତ୍ତୋଲ ବ୍ଲକ ଗରାମ ପଞ୍ଚାୟତ ଅଲଣା ଗ୍ରାମର ମା' ଜାଗୁଲାଇ କ୍ରିକେଟ ପଡ଼ିଆରେ ଚାଲିଥିବା ମା' ଜାଗୁଲାଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚରେ ଅରିଲୋ ଦଳ କଟରା ଦଳକୁ ହରାଇ ଚାମ୍ପିଅନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ବସନ୍ତ ପଲାଇ ଓ ନାରାୟଣ ପଲାଇ ଯୋଗଦେଇ ବିଜେତା ଅରିଲୋ ଦଳକୁ ଚାମ୍ପିଅନ ଟ୍ରଫି ଓ ପୁରସ୍କାର ରାଶି ଏବଂ ରନର୍ସଅପ୍ କଟରା ଦଳକୁ ରନର୍ସ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଅମ୍ପାୟାର ଭାବେ ସୁଶୀଲ ପରିଡ଼ା ଓ ବିଶ୍ୱଜିତ ଦାସ ଖେଳ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିବାବେଳେ ପୂର୍ବତନ ସରପଞ୍ଚ କିଶୋର କୁମାର ସାହୁ ଉଦ୍‌ଘାଟନ କରିଥିଲେ।

# ରାମଚଣ୍ଡୀ ସଂସ୍କୃତ ମହାବିଦ୍ୟାଳୟରେ 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ଡେରାବିଶ, ୩।୧(ସମିସ)**

ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡାଲୋ ସ୍ଥିତ ରାମଚଣ୍ଡୀ ସଂସ୍କୃତ ମହାବିଦ୍ୟାଳୟରେ ଆଜି ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ସରକାରଙ୍କ ନୂଆ-ଓ ଯୋଜନାରେ ଯୁବ ଶକ୍ତିର ବିକାଶ ପାଇଁ ମହାବିଦ୍ୟାଳୟମାନଙ୍କରେ ଆରମ୍ଭ କରିଥିବା କ୍ରୀଡ଼ା, ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମର ଉଦ୍‌ଘାଟନ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଆର୍ତ୍ତତ୍ରାଣ ବିଶ୍ୱାଳ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ପରିଷଦ ସଦସ୍ୟ ଅରବିନ୍ଦ ମଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବରେ ଏହି କାର୍ଯ୍ୟକ୍ରମର ଜିଲ୍ଲା ନୋଡାଲ ଅଧିକାରୀ ଅଧ୍ୟାପକ ପ୍ରମୋଦ କୁମାର ବେହେରା ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ।



ସମ୍ମାନିତ ଅତିଥିଭାବରେ ସ୍ଥାନୀୟ ସରପଞ୍ଚ କନକଲତା ପ୍ରଧାନ, ସମିତିସଭ୍ୟ ସଂଯୁକ୍ତା ଜେନା ଓ ସମାଜସେବୀ ମନୀନ୍ଦ୍ର ପ୍ରସାଦ ରଥ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ନୋଡ଼ାଲ ଅଧିକାରୀ ଅଧ୍ୟାପକ ରମେଶ ଚନ୍ଦ୍ର ଶତପଥି ସଭା ପରିଚାଳନା କରିଥିଲେ। ଅଧ୍ୟାପିକା ରୀନା ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ କୈଳାସ ଚନ୍ଦ୍ର ରଥ ଏହି ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

ଅଧ୍ୟାପିକା ହରପ୍ରିୟା ପରିଡ଼ା ଏହି ଯୋଜନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ର ଦୁର୍ଗା ମାଧବ ପଣ୍ଡା ବେଦପାଠ କରିଥିବା ବେଳେ ଶୀତିକଣ୍ଠ ଶତପଥୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶେଷରେ ଅଧ୍ୟାପକ ନିଶିକାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଦୀପ କୁମାର ନାୟକ ପରିଚାଳନା କରିଥିବା ବେଳେ କର୍ମଚାରୀ କୈଳାସ ଚନ୍ଦ୍ର ନାୟକ, ରମେଶ ଚନ୍ଦ୍ର ସ୍ୱାଇଁ, ଶରତ ଚନ୍ଦ୍ର ମଲିକ ପ୍ରମୁଖ ସହଯୋଗ କରିଥିଲେ।

# ବ୍ଲକ୍‌ସ୍ତରୀୟ 'ନୂଆ-ଓ' ଯୁବ ଉତ୍ସବ ଉଦ୍‌ଯାପିତ

**ଏରସମା, ୩।୧(ସମିସ):** ଏରସମା ବ୍ଲକସ୍ତରୀୟ 'ନୂଆ-ଓ' ଯୁବ ଉତ୍ସବ ବୁଧବାର ଅପରାହ୍ନରେ ଉଦ୍‌ଯାପିତ ହୋଇଛି। ଏରସମା ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀ ପ୍ରିୟା ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା ସହିତ କ୍ରୀଡାର ଆବଶ୍ୟକତା ଉପରେ କହିଥିଲେ। ବ୍ଲକ ଅଞ୍ଚଳର ସମସ୍ତ ଜୋନ୍‌ସ୍ତରୀୟ କ୍ରୀଡା ପ୍ରତିଯୋଗୀତାର ୨୮ ବିଭାଗରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଦଳଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଛି। ଫୁଟବଲରେ ଗୋଲ୍ଡେନ ୱାରିୟର କୁଞ୍ଜକୋଠି, ଭଲିବଲରେ ତ୍ରିଶକ୍ତି ଭଲିବଲ ଟିମ୍ କେସିପୁର, କବାଡି ବାଳକ ବିଭାଗରେ ବୃନ୍ଦାବନ ବିହାରୀ ଏଚ୍ ଏସ୍ ଏସ୍ ଗୋଡା, କବାଡି ବାଳିକା ବିଭାଗରେ ବୃନ୍ଦାବନ ବିହାରୀ ଏଚ୍ ଏସ୍ ଏସ୍ ଗୋଡା, ଖୋଖୋ ବାଳକ ବିଭାଗରେ କପିଳ ଚରଣ ଖୋ ଖୋ ମଲ୍ଲୀପୁର ନୂଆଡିହି, ଖୋଖୋ ବାଳିକା ବିଭାଗରେ ଶ୍ରୀମା କନାଗୁଳି ଓ କ୍ରିକେଟ ବାଳକ ବିଭାଗରେ ବୃନ୍ଦାବନ ବିହାରୀ କ୍ରିକେଟ କ୍ଲବ ଗୋଡା ଚାମ୍ପିଅନ ହୋଇଛି। ଏରସମା ମଣ୍ଡଳ ଉନ୍ନୟନ ଅଧିକାରୀ ଲମ୍ବୋଦର ଖୁଣ୍ଟିଆଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଜିଲ୍ଲାପରିଷଦ ସଭ୍ୟ ପୀତବାସ ଗୋଛାୟତ, ରାଣୀ ଟୁଡୁ, ସାଂସଦଙ୍କ ଏରସମା ବ୍ଲକ ପ୍ରତିନିଧି ଅକ୍ଷୟ ସ୍ୱାଇଁ, ଏରସମା ସରପଞ୍ଚ ସଚ୍ଚିଦାନନ୍ଦ ଦାସ, ଜାନକାଦେଇପୁର ସରପଞ୍ଚ ଜିତେନ୍ଦ୍ର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଜ୍ଞାନେନ୍ଦ୍ର କୁମାର ଲେଙ୍କା, ବ୍ଲକ କର୍ମଚାରୀ ସରୋଜ କୁମାର ସ୍ୱାଇଁ, ନଳୀନ ରଞ୍ଜନ ମନ୍ତ୍ରୀ, ଶ୍ରୀତମ କୁମାର ନାୟକ, ଯଜ୍ଞ ଦତ୍ତ ସ୍ୱାଇଁ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।



**ପାରାଦୀପ ବନ୍ଦର ପ୍ରତିଷ୍ଠା ଦିବସ ଅବସରରେ ମାରାଥନ**

# ପୁରୁଷରେ ଅଶୋକ, ମହିଳାରେ ସୁସ୍ମିତା ପ୍ରଥମ

ପାରାଦୀପ,୩।୧(ସମିସ): ପାରାଦୀପ ବନ୍ଦର ଆଜି ୩ ଜାନୁଆରୀରେ ତାର ୬୩ ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ସବୁବର୍ଷ ଭଳି ଚଳିତବର୍ଷ ବନ୍ଦର ପ୍ରତିଷ୍ଠା ଦିବସ ଅବସରରେ ଗୋପବନ୍ଧୁ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ୧୯ ତମ ପାରାଦୀପ ମାରାଥନ-୨୦୨୪ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ମାରାଥନ ପ୍ରତିଯୋଗିତାରେ ରାଜ୍ୟ ତଥା ରାଜ୍ୟ ବାହାରୁ ୩୫୮ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଯେଉଁଥିରେ ୨୯୯ ପୁରୁଷ ଏବଂ ୫୯ ମହିଳା ପ୍ରତିଯୋଗୀ ଭାଗ ନେଇଥିଲେ। ଆଜି ସକାଳେ ବନ୍ଦର ଅଧ୍ୟକ୍ଷ ଶ୍ରୀ ପି ଏଲ୍ ହରନାଦ ହନୁମାନ ମନ୍ଦିରଠାରେ ସବୁଜ ପତାକା ଦେଖାଇ ମାରାଥନର ଶୁଭାରମ୍ଭ କରିଥିଲେ। ପ୍ରତିଯୋଗୀମାନେ ବନ୍ଦରର ବିଭିନ୍ନ ଅଞ୍ଚଳଦେଇ ଦୀର୍ଘ ୧୪ କିଲୋମିଟର ରାସ୍ତା ଅତିକ୍ରମ କରି ଗୋପବନ୍ଧୁ ଷ୍ଟାଡିୟମ୍‌ଠାରେ ପହଞ୍ଚିଥିଲେ। ଏହି ମାରାଥନ ପ୍ରତିଯୋଗିତାର ପୁରୁଷ ବର୍ଗରେ ଭୁବନେଶ୍?ରର ଅଶୋକ ଦଣ୍ଡସେନା ପ୍ରଥମ ହୋଇଥିଲା ବେଳେ ରଶ୍ମି ରଂଜନ ନାୟକ ୨ୟ ଓ ଝାଡ଼ଖଣ୍ଡର ବାବୁଲ ଟୁଡୁ ୩ୟ ସ୍ଥାନ ଅଧିକାର କରିଥିଲେ। ସେହିପରି ମହିଳା ବର୍ଗରେ ସୁନ୍ଦରଗଡର ସୁସ୍ମିତା ତିଗା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ମୟୁରଭଞ୍ଜର ସନ୍ଧ୍ୟା ମୁର୍ମୁ ୨ୟ ଓ ବାଲେଶ୍ୱରର ପୂଜା ବେହେରା ୩ୟ ସ୍ଥାନ ଅଧିକାର କରିଥିଲେ। ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ୧୪୦୦୦, ୧୦୫୦୦, ୭୦୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ପୁରୁଷ ଓ ମହିଳା ବର୍ଗରେ ୨୧ ଜଣ କୃତୀ ପ୍ରତିଯୋଗୀଙ୍କୁ ଅର୍ଥରାଶି ଦେଇ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ବନ୍ଦର ଅଧ୍ୟକ୍ଷ ପି ଏଲ ହରନାଦ ମୁଖ୍ୟଅତିଥି ଭାବେ ଯୋଗ ଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ବନ୍ଦର ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତା ଓ ଇଫ୍‌କୋ, ପାରାଦୀପ ମୁଖ୍ୟ କେ. ଯେ. ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ଗୋପବନ୍ଧୁ କ୍ରୀଡ଼ା ସଂସଦର ସଭାପତି ତଥା ବନ୍ଦର ଅର୍ଥ ପରାମର୍ଶଦାତା ଡି. ଏନ୍. ସୋନ୍ଧି ଓ କାର୍ଯ୍ୟକାରୀ ସଭାପତି ଡ଼. ଡି ପି ସେଠୀ ଓ ଖେଳ ପରାମର୍ଶଦାତା ରବି ଦାସ ପରିଚାଳନା କରିଥିବାବେଳେ ସମ୍ପାଦକ ରଶ୍ମି ବେଉରା ଧନ୍ୟବାଦ୍ ଅର୍ପଣ କରିଥିଲେ।









ପାରାଦୀପ ମାରାଥନ୍ ଅବସରରେ ପାରା ଆଥଲେଟ୍ ଜୟନ୍ତୀ ବେହେରାଙ୍କୁ ୫୧ ହଜାର ଟଙ୍କା ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରୁଛନ୍ତି ବନ୍ଦର ଅଧ୍ୟକ୍ଷ ପି ଏଲ୍ ହରନାଦ।

# ମହାରାଷ୍ଟ୍ରରେ କେନ୍ଦ୍ରାପଡ଼ା ଛାତ୍ର ଆସିଫଉଦ୍ଦିନ୍ ସମ୍ବର୍ଦ୍ଧିତ

କେନ୍ଦ୍ରାପଡା,୩।୧(ସମିସ): କେନ୍ଦ୍ରାପଡା ଟାଉନର ମେଧାବୀ ଛାତ୍ର ସେକ୍ ଆସିଫଉଦ୍ଦିନ୍‌ଙ୍କୁ ଆମେରିକାନ୍ ଫେଡେରେସନ ଅଫ୍ ଇଣ୍ଡିଆନ ଓରିଜିନ୍ (ଆଫମୀ) ପକ୍ଷରୁ ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ ଚୟନ କରାଯାଇ ମହାରାଷ୍ଟ୍ରରେ ଏକ ଭବ୍ୟ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆଫମୀ ସଂସ୍ଥା ଦ୍ୱାରା ସାରାଦେଶର କୃତୀ ପ୍ରତିଭାମାନଙ୍କୁ ଚୟନ କରାଯାଇ ସେମାନଙ୍କୁ ପ୍ରୋତ୍ସାହନ କରାଯାଉଥିବାବେଳେ କେନ୍ଦ୍ରାପଡାର ପୁଅ ଅସିଫଉଦ୍ଦିନ୍‌ଙ୍କର ଏଭଳି ସୌଭାଗ୍ୟପ୍ରାପ୍ତ ହୋଇଛନ୍ତି। ମହାରାଷ୍ଟ୍ରର ଓରଙ୍ଗାବାଦସ୍ଥିତ ଡ. ବାବାସାହେବ ଆମ୍ବେଦକର ୟୁନିଭର୍ସିଟିଠାରେ ଗତ ଡିସେମ୍ବର ୩୦ ଓ ୩୧ ତାରିଖରେ "ଆଫମୀ' ପକ୍ଷରୁ ଆୟୋଜିତ ବିଶାଳ କାର୍ଯ୍ୟକ୍ରମରେ ଆସିଫ୍‌ଉଦ୍ଦିନ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ ଅନ୍ତରାଷ୍ଟ୍ରୀୟ ସ୍ତରର ଖ୍ୟାତନାମା ବ୍ୟକ୍ତିତ୍ୱ ସିରାଜ୍ ଥାକର,ଅଲ୍ଲୀ କ୍ୟୁରେସି,ଡଃ ମଝର ଅହମ୍ମଦ ଫାରୁକୀ, ଅନିଲ ସାବଲେ, ଡଃ କୁତବ ଉଦ୍ଦିନ୍, ମୁଜଣବା ଫାରୁକ୍, ମହମ୍ମଦ ଅସଲାମ ପରଭେଜ୍ ସମେତ ଅଲ୍ ଇଣ୍ଡିଆ ମୁସ୍‌ଲିମ୍ ସଂଗଠନ ସଭାପତି ସାବିର ଆନସାର, ଓରଙ୍ଗାବାଦ ସାଂସଦ ଇମତିଆଜ୍ ଜଲିଲ୍ ଏବଂ ଫୌଜିଅ ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ସେକ୍ ପରଭେଜ୍ ଅସଲାମ, ମାମୁନ୍ ଅଖତାର, ଡଃ ଅବଦୁଲ୍ ୱାହାବ୍ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଆସିଫଉଦ୍ଦିନ୍ ହାଇସ୍କୁଲ ପରୀକ୍ଷାରେ ୯୧.୫ ପ୍ରତିଶତ ନମ୍ବର ହାସଲ କରି ରାଜ୍ୟ ସଂସ୍କୃତି ବିଭାଗ ଏବଂ ଓଡିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ଗତମାସରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଉତ୍ସବରେ ସମ୍ବର୍ଦ୍ଧିତ ହୋଇଥିଲେ। ଆସିଫ୍‌ଉଦ୍ଦିନ୍ କେନ୍ଦ୍ରାପଡା ଟାଉନ ଅନ୍ତର୍ଗତ ଜୟୀପୁରା ଗ୍ରାମର ସେକ୍ ଅସୁରୁଦ୍ଦିନ୍ ଓ ଆରଜୁ ବେଗମ୍‌ଙ୍କ ପୁତ୍ର ଅଟନ୍ତି। କେନ୍ଦ୍ରାପଡା ପୁଅ ଆସିଫ୍‌ଙ୍କ ଏହି କୃତିତ୍ୱ ନେଇ ସମଗ୍ର ଅଞ୍ଚଳରେ ଖୁସି ପ୍ରକାଶ ପାଇଛି।




● ଯୌତୁକ ପାଇଁ ଗର୍ଭବତୀ ବଧୂଙ୍କୁ ହତ୍ୟା ଘଟଣା

# ମାନବାଧିକାର କମିଶନରେ ରୁଜୁହେଲା ମାମଲା

■ ୮ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ଏସ୍‌ପିଙ୍କୁ ନିର୍ଦ୍ଦେଶ

କେନ୍ଦ୍ରାପଡ଼ା,୩।୧(ସମିସ): ପାଟକୁରା ଥାନା ପରକୂଳା ଗ୍ରାମର ଜଣେ ଗର୍ଭବତୀ ମହିଳାଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ମୃତ ମହିଳାଜଣଙ୍କ ହେଲେ ପ୍ରକାଶ ବେହେରାଙ୍କ ସ୍ତ୍ରୀ ବାୟାଣୀ ମୁଦୁଲି। ୪ବର୍ଷ ପୂର୍ବେ ପଟ୍ଟାମୁଣ୍ଡାଇ ଥାନା ବୈରାଗୀ ମୁଦୁଲିଙ୍କ ବଡଝିଅ ବାୟାଣୀଙ୍କୁ ପ୍ରକାଶ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର ୬ ମାସ ପରେ ସ୍ୱାମୀ ଶ୍ୱଶୁର ଓ ଶାଶୁ ସୀତା ବେହେରା ବୋହୂକୁ ଶାରୀରିକ ଓ ମାନସିକ ନିର୍ଯାତନା ସହ ବାପଘରୁ ଟଙ୍କା ଆଣିବାକୁ ମାଡ ମାରିଥିଲେ। ନିର୍ଯାତନା ଅସହ୍ୟ ହେବାରୁ ବାୟାଣୀ ବାପାଙ୍କୁ ଖବର ଦେଇଥିଲେ। ତାଙ୍କ ବାପା ପହଞ୍ଚି ଅନେକ ସମୟରେ ଆପୋଷ ବୁଝାମଣା ମଧ୍ୟ କରିଥିଲେ। ହେଲେ କୌଣସି ଲାଭ ହୋଇ ନଥିଲା। ଶେଷରେ ଶଶୁର, ଶାଶୁ ଏବଂ ସ୍ୱାମୀ ମିଳିମିଶି ହତ୍ୟା କରିଥିବାର ଅଭିଯୋଗ ହୋଇଥିଲା। ଏନେଇ ମାନବାଧିକାର କର୍ମୀ ସାଗର ଜେନା ଚଳିତ ମାସ ୨୦ ତାରିଖରେ ଜାତୀୟ ମାନବ ଅଧିକାର ଆୟୋଗଙ୍କ ନିକଟରେ ଏକ କେସ (୨୭୧୬/୧୮/୨୭/୨୦୨୩-ଡବ୍ଲ୍ୟୁସି) ଦାଖଲ କରିଥିଲେ। ଏହି କେସର ତଦନ୍ତ ରିପୋର୍ଟ ୮ ସପ୍ତାହ ମଧ୍ୟରେ ପ୍ରଦାନ ନିମନ୍ତେ ଜାତୀୟ ମାନବ ଅଧିକାର ଆୟୋଗ କେନ୍ଦ୍ରାପଡା ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଶିକ୍ଷକସଂଘ ପକ୍ଷରୁ ଶିକ୍ଷାଧିକାରୀଙ୍କୁ ଶୁଭେଚ୍ଛା



ମଣିଜଙ୍ଗା,୩।୧(ସମିସ): ତିର୍ତ୍ତୋଲ ବ୍ଲକ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ତରଫରୁ ଧର୍ମାନନ୍ଦ ମଲ୍ଲିକଙ୍କ ନେତୃତ୍ୱରେ ତିର୍ତ୍ତୋଲ ବିଇଓଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଧିକାରୀ ଅକ୍ଷୟ କୁମାର ବେହେରାଙ୍କୁ ପୁଷ୍ପଗୁଚ୍ଛ ଦେଇ ନବବର୍ଷର ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମରେ ବାବୁଲି ସ୍ୱାଇଁ, ସୁରେନ୍ଦ୍ର ମହାପାତ୍ର, ବସନ୍ତ କୁମାର ବଳ, ଅକ୍ଷୟ ସାର୍ ଏବଂ ୩୦ରୁ ଊର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ।

# ୬ରେ ଭିତରକନିକାରେ ପକ୍ଷୀ ଗଣନା

ରାଜନଗର, ୩।୧(ସମିସ): ଓଡିଶାର ଅନ୍ୟତମ ପକ୍ଷୀତୀର୍ଥ ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ ବିଭିନ୍ନ ଆଦ୍ରଭୂମୀରେ ପାଦ ଥାପିଥିବା ବିଦେଶୀ ପକ୍ଷୀଙ୍କ ଗଣନା କରାଯିବ। ପ୍ରଚଣ୍ଡ ଶୀତ ଦାଉରୁ ରକ୍ଷା ପାଇବାକୁ ହିମାଳୟ ପାଦଦେଶ ସମେତ ଅଷ୍ଟ୍ରେଲିଆ, ଫ୍ରାନ୍ସ, ରସିୟା, ମଙ୍ଗୋଲିଆ, ମାଲେସିଆ ପ୍ରଭୃତି ଶୀତପ୍ରଧାନ ଦେଶରୁ ରଙ୍ଗବେରଙ୍ଗ ପକ୍ଷୀମାନେ ଭିତରକନିକା ଆର୍ଦ୍ରଭୂମିରେ ପାଦ ଥାପିଛନ୍ତି। ଦିଗନ୍ତବିସ୍ତାରୀ ନୀଳ ଆକାଶରେ ଦଳ ଦଳ ହୋଇ ଉଡିବା, ଖାଦ୍ୟ ସଂଗ୍ରହ କରିବାର ଦୃଶ୍ୟ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଛି। ରାଜନଗର ବନବିଭାଗ ପକ୍ଷରୁ ଜାନୁୟାରୀ ୬ ତାରିଖ ଦିନ ଏହି ବିଦେଶୀ ପକ୍ଷୀଙ୍କ ଗଣନା କରାଯିବ ବୋଲି ରାଜନଗର ଡିଏଫଓ ସୁଦର୍ଶନ ଗୋପିନାଥ ଯାଦବ ସୂଚନା ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀ ନାଳ ମାନଙ୍କରେ ବସବାସ କରୁଥିବା ବଉଳା କୁମ୍ଭୀରମାନଙ୍କ ଗଣନା ପାଇଁ ଜାନୁୟାରୀ ୫ରୁ ୧୩ ପର୍ଯ୍ୟନ୍ତ ପର୍ଯ୍ୟଟକମାନଙ୍କୁ ଭିତରକନିକା ପରିଭ୍ରମଣ କରିବାକୁ ନିଷିଦ୍ଧ କରାଯାଇଛି। ଏହି ସମୟ ମଧ୍ୟରେ ପକ୍ଷୀଗଣନା, ବଉଳା କୁମ୍ଭୀର ମାନଙ୍କ ଗଣନା କରାଯିବ।

**ଜାଲ୍ ସାର୍ଟିଫିକେଟରେ ନିଯୁକ୍ତି ଘଟଣା**

# ଗୁମର ଖୋଲିଦେଲା ଆର୍‌ଟିଆଇ

ଗରଦପୁର,୩।୧(ସମିସ): ମିଛ ଆଉ ଜାଲ ସାର୍ଟିଫିକେଟ ଦେଇ ଗରଦପୁର ୟୁକୋ ବ୍ୟାଙ୍କରେ ଜଣେ ମହିଳା ବ୍ୟାଙ୍କମିତ୍ର ପଦବୀରେ ଚାକିରି କରିଥିଲେ। କେତେଜଣ ଅଧିକାରୀଙ୍କୁ ମୋଟା ଅଙ୍କର ହାତଗୁଞ୍ଜା ଦେଇ ଏହି ଚାକିରି ନେଇଥିବା ଅଭିଯୋଗ ହୋଇଥିଲା। ଏନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ ଚୟନରେ ସାମିଲ ଥିବା ଅଧିକାରୀ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିଲେ। ସବୁଠୁ ବଡ଼ କଥା ହେଉଛି ଏହି ଘଟଣାକୁ ନେଇ ଦୈନିକ "ସକାଳ'ରେ ବାରମ୍ବାର ଖବର ପ୍ରକାଶିତ ହୋଇଛି। ହେଲେ ବ୍ଲକ୍ ଅଧିକାରୀ କୌଣସି ପ୍ରତିକ୍ରିୟା ବି ଦେଉନଥିଲେ। ଗରଦପୁର ବ୍ଲକରେ କିଛିମାସ ପୂର୍ବରୁ ହୋଇଥିବା ଏମବିକେ, ସିଆରପି ଓ ବ୍ୟାଙ୍କ ମିତ୍ର ଭଳି ନିଯୁକ୍ତିରେ ଚଞ୍ଚକତା କରାଯାଇ ପ୍ରକୃତ ଯୋଗ୍ୟ ପ୍ରାର୍ଥିନୀଙ୍କୁ ବାଦ୍ ଦେଇ କିଛି ନକଲି ପ୍ରମାଣପତ୍ରଧାରୀଙ୍କୁ ନିଯୁକ୍ତି ମିଳିଥିଲା। ଏହି ନିଯୁକ୍ତିରେ ଗରଦପୁର ପଞ୍ଚାୟତରେ ଜଣେ ମହିଳାଙ୍କୁ ମଧ୍ୟ ନକଲି ସାର୍ଟିଫିକେଟ ଦ୍ୱାରା ନିଯୁକ୍ତି ମିଳିଥିଲା। ଅପରପକ୍ଷ ଆବେଦନକାରୀ ସାଗରବାଳା ପଣ୍ଡା ଜାଣିବା ପରେ ଦୁଇ ଦୁଇ ଥର ପ୍ରମାଣପତ୍ରକୁ ନେଇ ସୂଚନା ଅଧିକାର ନିୟମ ଅନୁସାରେ ତଥ୍ୟ ମଧ୍ୟ ମାଗିଥିଲେ। ହେଲେ ସାଗରବାଳାଙ୍କୁ ତଥ୍ୟ ଦେବା ପରିବର୍ତ୍ତେ ସମୟ ଗଡ଼ାଇ ଚାଲିଥିଲେ। ହେଲେ ନିଯୁକ୍ତି ପାଇଥିବା ମହିଳାଙ୍କ ସାର୍ଟିଫିକେଟରେ ଦର୍ଶାଯାଇଥିବା କଲେଜକୁ ତଥ୍ୟ ମଧ୍ୟ ସେ ମାଗିଥିଲେ। ନିଯୁକ୍ତି ପାଇଥିବା ମହିଳା ସେହି କଲେଜରେ ପାଠ ପଢିନଥିବା କି ଏହିଭଳି ନାମରେ ଯୁବତୀ କଲେଜରେ ଆଡ଼ମିଶନ କରିନଥିବା ନେଇ ତଥ୍ୟ ମିଳିଥିଲା। ଏହାପରେ ମହିଳାଙ୍କ ସାର୍ଟିଫିକେଟ ନକଲି ବୋଲି ପ୍ରମାଣିତ ହେବା ପରେ ଚାକିରିରୁ ତାଙ୍କୁ ବିଦା କରାଯାଇଛି। ଏନେଇ ଗରଦପୁର ପଞ୍ଚାୟତ ମହସଂଘ ଏକ ଜରୁରୀକାଳୀନ ବୈଠକ ଡକାଇ ସଭାନେତ୍ରୀ ସସ୍ମିତା ରାୟ, ସମ୍ପାଦିକା ଅଞ୍ଜନା ନାୟକ ଉପସ୍ଥିତରେ ସଂଘର ଗୀତାଞ୍ଜଳି ସାହୁ, ନୟନା ସାହୁ, ରୋଜାଲିନ ପରିଡା, ମମତା ସାମନ୍ତରାୟ, ଗୀତାଞ୍ଜଳି ଜେନା, କୁସୁମ ମହାପାତ୍ର, ମାମିନା ମଲ୍ଲିକ, ଜ୍ୟୋସ୍ନା ବାରିକ ପ୍ରମୁଖ ଯୋଗଦେଇ ଜାଲ ସାର୍ଟିଫିକେଟରେ ଚାକିରି କରିଥିବା ମୋନାଲିସା ଦାସଙ୍କୁ ବ୍ୟାଙ୍କମିତ୍ର ଚାକିରିରୁ ନିଲମ୍ବିତ କରିଥିବା ନେଇ ଗରଦପୁର ବ୍ଲକ ବିଡିଓ, ଓଏଲଏମ, ବିଏଲଏଫଙ୍କୁ ଜଣାଇ ଦିଆଯାଇଥିବା ସୂଚନା ଦିଆଯାଇଛି।

● ରାଇଜିଂଷ୍ଟାର କ୍ଲବର ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ସେମିରେ କଟକ ମାଷ୍ଟର୍ସ କ୍ଲବ

ବାଲିକୁଦ,୩।୧(ସମିସ): ବାଲିକୁଦା ବ୍ଲକ ମରିଚିପୁର ରାଇଜିଙ୍ଗ ଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ୩୨ ତମ ବାର୍ଷିକ ଆନ୍ତ ରାଜ୍ୟ କ୍ରିକେଟ ଟୁର୍ନାମେଣ୍ଟ ବାପୁଜି ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚକୁ ମୁଖ୍ୟ ଅତିଥି ଭାବେ ଉମେଶ ସ୍ୱାଇଁ ଫାଉଣ୍ଡେସନ ପ୍ରତିଷ୍ଠାତା ଶିଖା ଉମେଶ ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ମରିଚପୁର ଗାଦୀବ୍ରହ୍ମ ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ସ୍ୱାଇଁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଟସ୍ ଜିତି କଟକର ମାଷ୍ଟର୍ସ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୧୬୮ ରନ କରିଥିଲା। ଦଳ ତରଫରୁ ତାପସ କୁମାର ସର୍ବାଧିକ ୩୯ ବଲ୍‌ରେ ୫୨ ରନ କରିଥିଲେ। ଜବାବରେ କଟକର ବିଶ୍ୱଭାରତୀ କ୍ରିକେଟ କ୍ଲବ ୧୭ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୮୪ ରନ କରି ପରାଜୟବରଣ କରିଥିଲା। ଏହି ମ୍ୟାଚ୍ ଜିତି ମାଷ୍ଟର୍ସ କ୍ରିକେଟ କ୍ଲବ ସେମିରେ ପ୍ରବେଶ କରିଛି। ଅମ୍ପାୟାର ଭାବେ ଧନେଶ୍ୱର ବିଶ୍ୱାଳ ଓ ସତ୍ୟବ୍ରତ ସ୍ୱାଇଁ ମ୍ୟାଚ ପରିଚାଳନା କରିଥିବା ବେଳେ ଅନୀଲ କୁମାର ମହାନ୍ତି ଓ ବିଶ୍ୱରଂଜନ କାଣ୍ଡି ସ୍କୋରର ଥିଲେ। ହାଡିବନ୍ଧୁ କାଣ୍ଡି, ପ୍ରକାଶ ବିଶ୍ୱାଳ,ପୁଷ୍ପକ ବେହେରା,ସିଦ୍ଧାର୍ଥ ନାୟକ ଧାରାବିବରଣୀ ପ୍ରଦାନ କରିଥିଲେ।



# ବେଳାଭୂମିରେ ମ୍ୟୁଜିକ ଚେୟାର ପ୍ରତିଯୋଗିତା



ରାଜନଗର,୩।୧(ସମିସ): ପେଣ୍ଠସ୍ଥିତ ସମୁଦ୍ର ବେଳାଭୂମିରେ ପଟ୍ଟାମୁଣ୍ଡାଇ ଓ ରାଜନଗର ବ୍ଲକର ନିର୍ବାଚିତ ମହିଳା ପ୍ରତିନିଧିମାନଙ୍କ ମଧ୍ୟରେ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ସରପଞ୍ଚ ସୁଶ୍ରୀ ସଂଗୀତା ମିଶ୍ର, ବୀଣାପଣି ପ୍ରଧାନ, ଇତିଶ୍ରୀ ମହାପାତ୍ର, ସସ୍ମିତା ସ୍ୱାଇଁ, ସସ୍ମିତା ମହାନ୍ତି, ଦ୍ରୌପଦୀ ସେଠୀ, ଉତ୍ତମା ସେଠୀ, ସୁନିତା ସେଠୀ, ସୁଜାତା ନାୟକ, ରଶ୍ମୀ ରଞ୍ଜିତା ସ୍ୱାଇଁ ପ୍ରମୁଖ ୧୭ଜଣ ମହିଳା ଅଂଶଗ୍ରହଣ କରିଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ସମେତ ଉପସ୍ଥିତ ଜନପ୍ରତିନିଧି, ଜନସାଧାରଣ ଓ ପର୍ଯ୍ୟଟକମାନେ ଭରପୁର ଉପଭୋଗ କରିଥିଲେ। ଶେଷରେ ରାଜନଗର ମହିଳା ବିଜୁ ଜନତା ଦଳର ସଭାନେତ୍ରୀ ରଶ୍ମୀ ରଂଜିତା ସ୍ୱାଇଁ ବିଜୟୀ ହୋଇଥିଲେ।

# ୨ ଦିନିଆ ନାଟକ ମହୋତ୍ସବ ଶେଷ

ମଣିଜଙ୍ଗା,୩।୧(ସମିସ): ତିର୍ତ୍ତୋଲ ବ୍ଲକ ପିପ୍ପଳମାଧବ ଗ୍ରାମପଞ୍ଚାୟତ ଅରିଲୋ ଗ୍ରାମର ଲକ୍ଷ୍ମୀନାରାୟଣ ଡ୍ରାମାଟିକ୍ କ୍ଲବ୍ ତରଫରୁ ୨ଦିନିଆ ନାଟକ ମହୋତ୍ସବ ଶେଷ ହୋଇଛି। ପ୍ରକାଶ ଚନ୍ଦ୍ର ସ୍ୱାଇଁଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ 'ଧନରେ ଗେଲ କରିବାକୁ ମନ' ଓ 'କାଳିର ବନ୍ଧନ କଳାଚନ୍ଦନ' ନାଟକ ମଞ୍ଚସ୍ଥ ହୋଇଥିଲା। ରବିନ୍ଦ୍ର, ଜଶୋବନ୍ତ, କ୍ଷୀରୋଦ, ରବି, ଶିପୁ(୧), ଶିପୁ(୨), ଶରତ, କୁନୁ(୧), କୁନୁ(୨), ନାଗା, ଟୁଲା, ମୁନା, ଗୁଲା, ଶିବା, ଟୁଟୁ, ସଂଗ୍ରାମ, ହାପି, ଜଗା ପ୍ରମୁଖ ମୁଖ୍ୟାଂଶରେ ଥିବାବେଳେ ନାଟ୍ୟ ପରିଚାଳକ ବାବୁଭାଇ, ମୁଖ୍ୟ ଉପଦେଷ୍ଟା ସନ୍ତୋଷ ସ୍ୱାଇଁ, ସରୋଜ ସାହୁ, ଦେବେନ୍ଦ୍ର ସେଣ ପ୍ରମୁଖ ପରିଚାଳନା କରିଥିଲେ।

**'ନୂଆ-ଓ' ଆନୁକୂଲ୍ୟରେ ବିଚ୍ ଭଲିବଲ ଟୁର୍ଣ୍ଣାମେଣ୍ଟ**

# ବଳଭଦ୍ରପୁରକୁ ହରାଇ ପଟ୍ଟାମୁଣ୍ଡାଇ ଚାମ୍ପିଅନ

ରାଜନଗର,୩।୧(ସମିସ): ରାଜନଗର ବ୍ଲକ ପେଣ୍ଠ ସମୁଦ୍ର ବେଳାଭୂମିଠାରେ ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଆନୁକୂଲ୍ୟରେ 'ନୂଆ-ଓ' ଯୁବ ଓଡିଶା ନବୀନ ଓଡିଶା ମାଧ୍ୟମରେ ବିଚ୍ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହିତ ଯୁବ କ୍ରୀଡାବିତ୍ ମାନଙ୍କୁ ଉତ୍ସାହିତ କରିଥିଲେ। ଆଜି ୪ଟି ଦଳ ମଧ୍ୟରେ ବିଚ୍ ଭଲିବଲ ଟୁର୍ଣ୍ଣାମେଣ୍ଟ ଖେଳାଯାଇଥିଲା। ପ୍ରଥମ ସେମି ଫାଇନାଲ ବଳଭଦ୍ରପୁର ଟିମ୍ ଓ ପଟ୍ଟାମୁଣ୍ଡାଇ ବେଲତଳ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବେଲତଳକୁ ପରାସ୍ତ କରି ବଳଭଦ୍ରପୁର ଟିମ୍ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା।

୨ୟ ସେମିଫାଇନାଲ ମ୍ୟାଚ ପଟ୍ଟାମୁଣ୍ଡାଇ ଏକାଦଶ ଏବଂ ରାଜନଗର ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାଜନଗରକୁ ହରାଇ ପଟ୍ଟାମୁଣ୍ଡାଇ ଏକାଦଶ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ମ୍ୟାଚରେ ପଟ୍ଟାମୁଣ୍ଡାଇ ଏକାଦଶ ବଳଭଦ୍ରପୁର ଟିମ୍‌କୁ ୨-୦ରେ ହରାଇ ଚାମ୍ପିଅନ ହୋଇଛି।

ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ପଟ୍ଟାମୁଣ୍ଡାଇ ବିଡିଓ ଶୁଭ୍ରାଂଶୁ ସାହୁ ପୌରହିତ୍ୟ କରିଥିବା ବେଳେ ବିଧାୟକ ସାହୁ ମୁଖ୍ୟ ଅତିଥି, ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଷ ଗୁଡିଆ, ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ରାଜନଗର ବିଡିଓ ନିଶାନ ମିଶ୍ର ପ୍ରମୁଖ ସମ୍ମାନୀତ ଅତିଥି ଯୋଗଦେଇ ବିଜୟୀ ଏବଂ ରନର୍ସଅପ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମରେ ସରପଞ୍ଚ ନିରଂଜନ ରାଉତ, ବୀଣାପାଣି ପ୍ରଧାନ, ଅଶୋକ ମହାନ୍ତି, ସୁଶ୍ରୀ ସଂଗୀତା ମିଶ୍ର, ଚିତ ରଂଜନ ପଣ୍ଡା, ଇତିଶ୍ରୀ ମହାପାତ୍ର, କୈଳାସ ପଡିଡା, ପ୍ରସନ୍ନ ପରିଡା, ସସ୍ମିତା ମହାନ୍ତି, ଶୈଳେନ୍ଦ୍ର ମିଶ୍ର, ଦ୍ରୌପଦୀ ସେଠୀ, ଅନିଲ ଲେଙ୍କା, ସମିତିସଭ୍ୟ ପ୍ରଶାନ୍ତ କୁମାର ରାଉତ, ରବିନ ମଳିକ, ଉତମା ସେଠୀ ପ୍ରମୁଖଙ୍କ ସହିତ ପଟ୍ଟାମୁଣ୍ଡାଇ ନୋଡାଲ ଅଫିସର ଅନିଲ କୁମାର ବିଶ୍ୱାଳ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଖେଳକୁ ରେଫ୍ରି ତୁଷାରକାନ୍ତ ଜେନା, ଭାସ୍କର ନାୟକ, ସମୀର କୁମାର ନାୟକ ପ୍ରମୁଖ ପରିଚାଳନା କରିଥିଲେ।



